ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୧/୨୦୨୪ (୧୪+୮=୨୨ ପୃଷ୍ଠା) | Bhubaneswar, Monday, March 11/2024 | Page 22 | ₹ 7.00 | RAYAGADA
୫୦ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 108 | ମୂଲ୍ୟ₹୭/-



# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୧/୨୦୨୪ Bhubaneswar, Monday, March 11/2024




ଧରିତ୍ରୀ 50 Years
# ଧରିତ୍ରୀ
DHARITRI



## କଳା ବାଘ ସଫାରିକୁ ନେଇ ଆଶଙ୍କା

**ଭୁବନେଶ୍ୱର, ୧୦।୩(ଅସମାପିକା ସାହୁ)**



ଚିଡ଼ିଆଖାନାରେ ଜନ୍ମିତ ବାଘଙ୍କୁ ନେଇ କୌଣସି ସଫାରି କରାଯାଇପାରିବ ନାହିଁ। ଯେଉଁ ଲ୍ୟାଣ୍ଡସ୍କେପ୍‌ରେ ସଫାରି ତିଆରି ହେବ ସେହି ଲ୍ୟାଣ୍ଡସ୍କେପ୍ ବା ସ୍ଥାନୀୟ ଜଙ୍ଗଲରେ ରହୁଥିବା ବାଘଙ୍କୁ ଆଣି ସଫାରୀରେ ରଖାଯାଇପାରିବ। ଗତ ୬ତାରିଖରେ ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣିବେଳେ ଏହି ରାୟ ପ୍ରକାଶ କରିଛନ୍ତି। ଫଳରେ ଓଡ଼ିଶାରେ ପ୍ରସ୍ତାବିତ କଳା ବାଘ ସଫାରିକୁ ନେଇ ଆଶଙ୍କା ଦେଖାଦେଇଛି। କାରଣ ଏହି ସଫାରିରେ ନନ୍ଦନକାନନରୁ ବାଘ ଆଣି ଛଡ଼ାଯାଇଥାନ୍ତା। ତେବେ ସୁପ୍ରିମକୋର୍ଟଙ୍କ କଟକଣା ପରେ ଏବେ ସଫାରି ପାଇଁ କଳା ବାଘ କେଉଁଠୁ ଅଣାଯିବ, ସେନେଇ ଚିନ୍ତା ବଢ଼ିଛି। ବିଶେଷକରି ରହିଥିବା ଆଇନଗତ ଦିଗ ଉପରେ ତର୍ଜମା ଆରମ୍ଭ ହୋଇଛି।

ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ନିକଟରେ କଳା ବାଘ ସଫାରି କରି ପର୍ଯ୍ୟଟନ ବଢ଼ାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ପ୍ରକଳ୍ପଠାରୁ ୧୫ କି.ମି. ଦୂର ବାରିପଦା ସହର ନିକଟରେ ଏହି ସଫାରି ହେବ। ଏଥିପାଇଁ ଜାତୀୟ ରାଜପଥ ନଂ.୧୮କୁ ଲାଗି ୨୦୦ ହେକ୍ଟର ପରିମିତ ଏକ ଜମି ଚିହ୍ନଟ କରାଯାଇଛି। ୨୦୦ ହେକ୍ଟରରୁ ୧୦୦ ହେକ୍ଟରରେ ବାଘ ରହଣି ସ୍ଥଳ ହେବ। ପ୍ରାଥମିକ ଭାବେ ନନ୍ଦନକାନନରେ ଥିବା ୩ଟି କଳା ବାଘ ସହ ଧଳା ବାଘଙ୍କୁ ଏହି ସଫାରିକୁ ଅଣାଯିବାକୁ ସ୍ଥିର ହୋଇଥିଲା। ଏହାଛଡ଼ା ଯେଉଁ ଚିଡ଼ିଆଖାନାରେ ଥିବା ଉଦ୍ଧାର କଳା ବାଘ, ଯେଉଁମାନେ ବଣୁଆ ପ୍ରକୃତି ହରାଇଛନ୍ତି, ସେମାନଙ୍କୁ ଏହି ସଫାରିରେ ଛଡ଼ାଯାଇପାରିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଆସନ୍ତା ଅକ୍ଟୋବରରୁ କଳାବାଘ ସଫାରି କାର୍ଯ୍ୟକ୍ଷମ ହେବା ସହ ପର୍ଯ୍ୟଟକମାନେ ବୁଲିପାରିବେ ବୋଲି କୁହାଯାଇଥିଲେ ମଧ୍ୟ ଏବେ ସୁପ୍ରିମକୋର୍ଟଙ୍କ ରାୟ ଏଥିରେ ବାଧକ ସାଜିଛି। ଉକ୍ତ ରାୟ ଅନୁସାରେ, ଏଣିକି ଶିମିଳିପାଳରୁ ହିଁ କେବଳ କଳା ବାଘ ଆଣି ସଫାରିରେ ରଖାଯାଇପାରିବ। ହେଲେ ଏହା ଏତେ ସହଜ ନୁହେଁ। କାରଣ ଏଥିପାଇଁ କଡ଼ା ନିୟମ ମଧ୍ୟ ରହିଛି। କେଉଁଭଳି ବାଘକୁ ଏଥିରେ ରଖାଯାଇପାରିବ ସେ ନେଇ ଏନ୍‌ଟିସିଏର ୨୦୧୬ ଗାଇଡ୍‌ଲାଇନ ରହିଛି। ପ୍ରଥମରେ ଆହତ ହୋଇ ଆବଶ୍ୟକ ଚିକିତ୍ସା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ବାଘ, ଦ୍ୱିତୀୟରେ ଜଙ୍ଗଲରେ ମଣିଷଙ୍କ ପାଇଁ ବିପଦ ପାଲଟିଥିବା ବାଘ, ତୃତୀୟରେ ଅନାଥ ହୋଇ ଜଙ୍ଗଲି ବ୍ୟବହାର ହରାଇଥିବା ବାଘଛୁଆଙ୍କୁ ହିଁ ସଫାରି ଭିତରେ ରଖାଯାଇପାରିବ। ତେବେ ଆହତ କିମ୍ବା ଦୁର୍ବଳ ଦେଖାଯାଉଥିବା ବାଘଙ୍କୁ ସଫାରି ଭିତରେ ଛଡ଼ା ଯାଇପାରିବନାହିଁ। ସବୁଠୁ ବଡ଼ କଥା ହେଲା ସ୍ୱାସ୍ଥ୍ୟବାନ୍ ଥିବା ବାଘ ବା ଅନ୍ୟ କୌଣସି ପ୍ରାଣୀଙ୍କୁ ଜଙ୍ଗଲରୁ ଧରି ସଫାରି ଭିତରେ ଛଡ଼ା ଯାଇପାରିବ ନାହିଁ ବୋଲି ନିୟମ ରହିଛି। ଏସବୁକୁ ଦେଖିଲେ ଶିମିଳିପାଳରୁ ବର୍ତ୍ତମାନ କଳା ବାଘ ଆଣି ନିର୍ଦ୍ଧାରିତ ସମୟରେ ସଫାରି କରିବା ସମ୍ଭାବନା ବହୁତ କ୍ଷୀଣ। ଅକ୍ଟୋବର ସୁଦ୍ଧା ସଫାରି ସମ୍ପୂର୍ଣ୍ଣ ହେବା ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମଧ୍ୟ ଆଶଙ୍କା ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଦେଶରେ କେବଳ ଶିମିଳିପାଳରେ ହିଁ କଳା ବାଘ ବା ମେଲାନିଷ୍ଟିକ ବାଘ ଦେଖାଯାଆନ୍ତି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ପ୍ରଥମ ବାଘ ଗଣନା ରିପୋର୍ଟ ଅନୁସାରେ, ରାଜ୍ୟରେ ଏବେ ୩୦ଟି ମହାବଳ ବାଘ ରହିଛନ୍ତି। ସେଥିମଧ୍ୟରୁ ୧୩ଟି ମେଲାନିଷ୍ଟିକ ବା କଳାବାଘ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ୧୩ଟି ମଧ୍ୟରେ ୭ଟି ମାଈ ଏବଂ ୬ଟି ଅଣ୍ଡିରା ବାଘ ରହିଛନ୍ତି। ଏହା କେବଳ ଶିମିଳିପାଳରେ ଦେଖାଯାଇଛନ୍ତି। ତେଣୁ ଶିମିଳିପାଳ ନିକଟରେ ହିଁ ଏହି କଳାବାଘ ସଫାରି କରିବାକୁ ରାଜ୍ୟ ସରକାର ମନ ବଳାଇଛନ୍ତି।

## ୧୫ ସୁଦ୍ଧା ନିଯୁକ୍ତ ହୋଇପାରନ୍ତି ୨ ଇସି

**ନୂଆଦିଲ୍ଲୀ, ୧୦।୩ (ପି.ଟି.)**

ନିର୍ବାଚନ କମିଶନର(ଇସି) ଅନୁପ ଚନ୍ଦ୍ର ପାଣ୍ଡେଙ୍କ ଅବସର ଏବଂ ଅରୁଣ ଗୋଏଲଙ୍କ ଅଚାନକ ଇସ୍ତଫା ଫଳରେ ଖାଲି ପଡ଼ିଥିବା ୨ଟି ପଦବୀ ଆସନ୍ତା ୧୫ ତାରିଖ ସୁଦ୍ଧା ପୂରଣ ହୋଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଫେବୃଆରୀ ୧୪ରେ ପାଣ୍ଡେଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଭାରତର ନିର୍ବାଚନ କମିଶନ (ଇସିଆଇ) ଆସନ୍ତା ସପ୍ତାହରେ ଲୋକ ସଭା ଏବଂ ୪ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ଆଶା କରାଯାଉଥିବାବେଳେ ଏହା ପୂର୍ବରୁ ଶୁକ୍ରବାର ସକାଳେ ଇସି ପଦରୁ ଗୋଏଲ ଇସ୍ତଫା ଦେଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ପରେ ଶନିବାର ରାତିରେ ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏବେ ଇସିଆଇରେ କେବଳ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ରହିଛନ୍ତି। ନୂଆ ଇସି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଇନ ମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲଙ୍କ ନେତୃତ୍ୱରେ ସର୍ଚ୍ଚ କମିଟି ଇସି ପଦବୀ ପାଇଁ ପ୍ରଥମେ ୫ ଜଣ ଲେଖାଏ ପ୍ରାର୍ଥୀଙ୍କ ଦୁଇଟି ପ୍ୟାନେଲ ପ୍ରସ୍ତୁତ କରିବେ। ସର୍ଚ୍ଚ କମିଟିରେ ସ୍ୱରାଷ୍ଟ୍ର ସଚିବ ଏବଂ କାର୍ମିକ ଓ ☞ପୃଷ୍ଠା-୭

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର ‘ସ୍ୱାସ୍ଥ୍ୟ ବିଜ୍ଞାନ’ ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

କେବଳ ଜଣେ

## ମେଣ୍ଟ: ଦ୍ୱନ୍ଦ୍ୱରେ ଭୋଟର

**ଭୁବନେଶ୍ୱର, ୧୦।୩ (ଜିତେନ୍ଦ୍ର କୁମାର ନାୟକ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସ୍ୱଳ୍ପ ସମୟର ଭିଡିଓ ଯେଉଁଭଳି ଭାବେ ହୋଇଥିଲା, ତାହା ରାଜ୍ୟର ରାଜନୈତିକ ଉଷ୍ମତା ସମ୍ପର୍କରେ ଅନେକ ସୂଚନା ଦେଉଛି। ଭିଡିଓରେ ଯେପରି ଭାବେ ପାଣ୍ଡିଆନ ପ୍ରଶ୍ନ କରିଛନ୍ତି ଏବଂ ନବୀନ ତାଙ୍କୁ ଉତ୍ତର ଦେଇଛନ୍ତି, ସେଥିରେ ଅନେକ ଭାବିଲେ ଯେ ରାଜନୀତିରେ ଗୁଜବ ଏବଂ ମିଥ୍ୟା ସବୁଠାରୁ ଗର୍ହିତ। ଏଥିରେ ଯାହା କୁହାଯାଇଛି, ତାହା ନିଶ୍ଚିତ ଭାବେ ସତ୍ୟ ହୋଇଥିବାବେଳେ ସାମ୍ପ୍ରତିକ ରାଜ୍ୟ ରାଜନୈତିକ ପରିସ୍ଥିତି ସହିତ ଖାପ ଖାଉଛି। ରାଜନୈତିକ ମହଲରେ ଏହାକୁ ଅନେକ ରଙ୍ଗ ଦିଆଯାଇଛି। ତନ୍ମଧ୍ୟରୁ ଅଧିକଙ୍କ ମତ ହେଉଛି ଯେ, ବିଜେଡି ସୁପ୍ରିମୋ ସିଧାସଳଖ କହିବା ପରିବର୍ତ୍ତେ ଇଙ୍ଗିତ କରିଛନ୍ତି ଯେ, ବିଜୁ ଜନତା ଦଳ ସହିତ ଭାରତୀୟ ଜନତା ପାର୍ଟିର ମେଣ୍ଟ ସମ୍ପର୍କିତ ଆଲୋଚନା ଗୁଜବ ଏବଂ ମିଥ୍ୟା। ଅନ୍ୟପଟେ ସମସ୍ତେ ଜାଣନ୍ତି ଯେ, ନିର୍ବାଚନ ପୂର୍ବରୁ, ବିଶେଷକରି ୨୦୨୪ ନିର୍ବାଚନ ଯେଉଁଭଳି ଭାବେ ଉଭୟ ମୋଦି ଏବଂ ନବୀନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; ସେଥିନେଇ କୌଣସି ଦଳ ଅତିଶୀଘ୍ର ନିଜର ତାସପାଲି ଜନତାଙ୍କ ସମ୍ମୁଖରେ ରଖିବାକୁ ଚାହାନ୍ତି ନାହିଁ। ଓଡ଼ିଶାର ଭୋଟର ଏବେ ସମ୍ପୂର୍ଣ୍ଣ ଭାବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଅଧିକ ଭୋଟରଙ୍କ ମୁହଁରୁ ମେଣ୍ଟ ବିରୋଧୀ ମନ୍ତବ୍ୟ ଶୁଣିବାକୁ ମିଳୁଛି। ଅନ୍ୟପଟେ ବିରୋଧୀ କଂଗ୍ରେସ ତା’ର ପ୍ରଚାର ଆରମ୍ଭ କରି ପୋଷ୍ଟରରେ ‘କଂଗ୍ରେସ ଆସୁଛି’ ବୋଲି ଲେଖିଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଦାୟିତ୍ୱରେ ଥିବା ନେତାମାନେ ଯୋଜନା କରୁଛନ୍ତି ଯେ, ମେଣ୍ଟ ପରେ ଯେଉଁ ବିଦ୍ରୋହୀ ପ୍ରାର୍ଥୀମାନେ ପ୍ରାୟ ସବୁ ନିର୍ବାଚନମଣ୍ଡଳୀରେ ଛିଡ଼ା ହେବେ, ସେମାନଙ୍କୁ ଆପ୍ ଟିକେଟ୍ ଯଚାଯାଇପାରିବ।

## ମହିଳା ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କୁ ୧୮୦ ଦିନର ମାତୃତ୍ୱ ଛୁଟି

**ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚତର ଶିକ୍ଷା ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ବ୍ଲକ ଗ୍ରାଣ୍ଟ ଅନୁଦାନ ପରିସରଭୁକ୍ତ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ସେବା ସୁବିଧା ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ ଏହି ବ୍ଲକ ଗ୍ରାଣ୍ଟ କର୍ମଚାରୀମାନେ ବାର୍ଷିକ ୧୫ ଦିନର ସାମୟିକ ଛୁଟି ପାଇବେ। ଏହାସହ ମହିଳା ବ୍ଲକ ଗ୍ରାଣ୍ଟ କର୍ମଚାରୀମାନଙ୍କୁ ୨ଟି ସନ୍ତାନ ଜନ୍ମ ପର୍ଯ୍ୟନ୍ତ ୧୮୦ ଦିନର ମାତୃତ୍ୱ ଛୁଟି ମିଳିବ। ବ୍ଲକ ଗ୍ରାଣ୍ଟ ପାଇବା ଦିନଠାରୁ ୧୬ ବର୍ଷ ପରେ, ଅନୁଦାନପ୍ରାପ୍ତ ଶିକ୍ଷକଙ୍କୁ ଉଚ୍ଚତର ବେତନ ହାର ସ୍ତରରେ ଏକ ପ୍ଲେସମେଣ୍ଟ ☞ପୃଷ୍ଠା-୭






# ବିଶାଖାପାଟଣା – ଭବାନୀପାଟଣା ପାସେଞ୍ଜର ଟ୍ରେନ୍ ଲାଇନଚ୍ୟୁତ




**ରାୟଗଡ଼ା,୧୦।୩**
**(ଆଶିଷ ରଞ୍ଜନ ପଣ୍ଡା)**

ଆନ୍ଧ୍ରପ୍ରଦେଶ କୋଟାବାଲସା ରେଳ ଷ୍ଟେଶନ ନିକଟରେ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ପାସେଞ୍ଜର ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିଶାଖାପାଟଣା– ଭବାନୀପାଟଣା ପାସେଞ୍ଜର ଟ୍ରେନ୍‌ର ଇଞ୍ଜିନ ସହିତ ୨ଟି ବଗି ଲାଇନଚ୍ୟୁତ ହୋଇଛି। ଦୁର୍ଘଟଣାରେ ଜଣେ ଲୋକୋ ପାଇଲଟ ଆହତ ହୋଇଛନ୍ତି। ଅନ୍ୟ କୋଣସି ଯାତ୍ରୀ ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ବିଶାଖାପାଟଣା–ଭବାନୀପାଟଣା ପାସେଞ୍ଜର ଟ୍ରେନ୍ ରବିବାର ସନ୍ଧ୍ୟା ୬ଟାରେ ବିଶାଖାପାଟଣା ଛାଡିଥିଲା। କୋଟାବାଲସା ଷ୍ଟେଶନରେ ୬ଟା ୪୮ ମିନିଟ୍‌ରେ ପହଞ୍ଚି ଷ୍ଟେଶନ ଛାଡିଥିଲା। ତେବେ ପ୍ଲାଟଫର୍ମରୁ ଦୁଇ ନମ୍ବର ରୁଟ୍‌ରେ ଯିବା ବେଳେ ହଠାତ୍ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ଟ୍ରେନ୍‌ର ଇଞ୍ଜିନ ସହିତ ଆଉ ଦୁଇଟି ଯାତ୍ରୀବାହୀ ବଗି ରେଳ ଧାରଣାରୁ ତଳକୁ ଖସିପଡ଼ିଥିଲା। ଖବରପାଇ ବିଜୟନଗରମ୍ ଓ ବିଶାଖାପାଟଣା ଷ୍ଟେଶନ ସମେତ ସ୍ଥାନୀୟ ପୋଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଶାଖାପାଟଣା ରେଳ ଡିଭିଜନ କାର୍ଯ୍ୟାଳୟଠାରୁ ରିଲିଫ ଟିମ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନଭିତ୍ତିରେ ଉଦ୍ଧାର କାର୍ଯ୍ୟ କରୁଥିବା ରେଲୱେ ପକ୍ଷରୁ ସୂଚନା ମିଳିଛି। ଦୁର୍ଘଟଣା ଯୋଗୁ ବିଜୟନଗରମ ଓ ବିଶାଖାପାଟଣା ଷ୍ଟେଶନ ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହୋଇଛି। ଅନେକ ଟ୍ରେନ୍ ବିଭିନ୍ନ ସ୍ଥାନରେ ଅଟକି ରହିଛି। ପ୍ରକାଶଥାଉକି, ଗତ ଅକ୍ଟୋବର ୨୯ ତାରିଖରେ ଆନ୍ଧ୍ରପ୍ରଦେଶର କଣ୍ଟକାପଲିଠାରେ ଏହି ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ଯୋଗୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା ।

# ପୂର୍ବତନ ବ୍ୟାଙ୍କ ମ୍ୟାନେଜର, ଷଡ଼ଯନ୍ତ୍ରକାରୀ ଗିରଫ

## ପିପିଲି ବିଡିଓ ଅଫିସ୍ ଆକାଉଣ୍ଟରୁ ୩.୭୦ କୋଟି ହଡ଼ପ ମାମଲା

**ଭୁବନେଶ୍ୱର,୧୦।୩**
**(ସତ୍ୟଜିତ୍ ରାଉତ)**

ଚଞ୍ଚକତା କରି ୩୫ଟି ମୁଦ୍ରାଋଣ ଉଠାଇ ନେଲେ। ଏହାକୁ ଶୁଝିବାକୁ ପୁରୀ ଜିଲା ପିପିଲି ବିଡିଓ ଅଫିସ୍ ଆକାଉଣ୍ଟରୁ ୩.୭୦ କୋଟି ଟଙ୍କା ହଡ଼ପ କଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ଆଇଡିବିଆଇ ବ୍ୟାଙ୍କ ଶାଖାର ପୂର୍ବତନ ମ୍ୟାନେଜର ସରୋଜ କାନ୍ତ ମହାପାତ୍ରଙ୍କୁ ଗିରଫ କରିଛି। ଏଥିସହ ସରୋଜଙ୍କ ସହପାଠୀ ତଥା ମୁଖ୍ୟ ଷଡ଼ଯନ୍ତ୍ରକାରୀ ଏଞ୍ଜେଲ୍ ମିଶ୍ର ମଧ୍ୟ ଗିରଫ ହୋଇଛନ୍ତି। ଅଭିଯୁକ୍ତଦ୍ୱୟଙ୍କୁ ରବିବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ତନ୍ମୟ କୁମାର ମହାରଣାଙ୍କୁ ଗତ ବୁଧବାର ଛତିଶଗଡ଼ ରାୟପୁରରୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ସରୋଜ ୨୦୨୦ରେ ଭୋପାଳ ଏସ୍‌ଟିଏଫ୍‌ର ଏକ ଠକେଇ ମାମଲା ଏବଂ ଏଞ୍ଜେଲ୍ ଭୁବନେଶ୍ୱର ଖଣ୍ଡଗିରି ଥାନାର ୨୦୨୨ର ଏକ ଠକେଇ ମାମଲାରେ ସମ୍ପୃକ୍ତ ଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଆଇଡିବିଆଇ ବ୍ୟାଙ୍କର


ପୂର୍ବତନ ବ୍ୟାଙ୍କ ମ୍ୟାନେଜର ସରୋଜ କାନ୍ତ ମହାପାତ୍ର

ଜେନେରାଲ ମ୍ୟାନେଜର ସନ୍ଦୀପ ପଟ୍ଟନାୟକଙ୍କ ଏତଲା ଆଧାରରେ ଫେବୃଆରୀ ୨୯ରେ ଇଓଡବ୍ଲ୍ୟୁ ମାମଲା (ନଂ.୩/ ୨୦୨୪) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ୨୦୧୮ରେ ଆଇଡିବିଆଇ ଦାଣ୍ଡମୁକୁନ୍ଦପୁର ଶାଖାରେ ଥିବା ପିପିଲି ବିଡିଓ ଅଫିସ୍‌ର ଦୁଇଟି ଆକାଉଣ୍ଟରେ ସରକାରଙ୍କ ପକ୍ଷରୁ ୩.୭୦ କୋଟି ଟଙ୍କା ଜମା କରାଯାଇଥିଲା। ତତ୍କାଳୀନ ବିଡିଓ ଉକ୍ତ ଟଙ୍କାକୁ ଫ୍ଲେକ୍ସି ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଏଫ୍‌ଡି) କରିଦେବାକୁ କହିଥିଲେ ମଧ୍ୟ ଅଭିଯୁକ୍ତ ଅଧିକାରୀଦ୍ୱୟ ତାହା ନ କରି ହଡ଼ପ ଷଡ଼ଯନ୍ତ୍ର କରିଥିଲେ। ଏଥିପାଇଁ ପ୍ରଥମେ ସେମାନେ ନିଜ ସମ୍ପର୍କୀୟଙ୍କ ନାଁରେ ୧୦ ଲକ୍ଷ ଟଙ୍କା ଲେଖାଏ ୩୫ଟି ମୁଦ୍ରା ଲୋନ୍ କରି ବ୍ୟାଙ୍କର ୩.୭୦ କୋଟି ଟଙ୍କା ନେଇଯାଇଥିଲେ। ଏସବୁ ଟଙ୍କା ସହଯୋଗୀ ଏଞ୍ଜେଲ୍‌ଙ୍କ ଏସ୍‌ବିଆଇ ଆକାଉଣ୍ଟରେ ଜମା ହୋଇଥିଲା। ତେବେ ଅଡିଟ୍‌ବେଳେ ମୁଦ୍ରାଋଣ ବାବଦରେ ଜଣାପଡ଼ିଯିବା ଆଶଙ୍କାରେ ଅଧିକାରୀଦ୍ୱୟ ବିଡିଓଙ୍କ ଦୁଇ ଆକାଉଣ୍ଟରେ ଥିବା ସମସ୍ତ ୩.୭୦ କୋଟି ଟଙ୍କାକୁ ହଡପ କରିଥିଲେ। ସମସ୍ତ ଟଙ୍କାରେ ସେମାନେ ମୁଦ୍ରାଋଣ ଶୁଝିଦେବା ସହ ସେସବୁ ଲୋନ୍ ଆକାଉଣ୍ଟକୁ ବନ୍ଦ କରିଦେଇଥିଲେ। ହେଲେ ୨୦୨୨ରେ ବିଡିଓ ଏଫ୍‌ଏଫ୍‌ଡିର ତଥ୍ୟ ମାଗିଥିଲେ ବି ତାଙ୍କୁ ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ବ୍ୟାଙ୍କ ପକ୍ଷରୁ ତଦନ୍ତ କରାଯିବାରୁ ଏହି ଠକେଇ ବିଷୟରେ ଜଣାପଡ଼ିଥିଲା। ଏଥିରେ ସରୋଜ ଓ ତନ୍ମୟଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହେବା ପରେ ସେମାନଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

# ଗାଁ ଦାଣ୍ଡରେ ବୃଦ୍ଧଙ୍କୁ ପିଟି ହତ୍ୟା।

- ପୁଅ ଗିରଫ, ବାପା ଫେରାର
- କାଠଫାଳିଆ, ହାତୁଡ଼ି ଜବତ

**ବେଗୁନିଆ/ବୋଲଗଡ଼,୧୦।୩**
**(ହର ପ୍ରସନ୍ନ ପଣ୍ଡା/ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ବଡ଼ନୂଆପଲ୍ଲୀ(ବାଙ୍କପଲ୍ଲୀ) ଗ୍ରାମ ଦାଣ୍ଡରେ ଶନିବାର ରାତିରେ ଜଣେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଗ୍ରାମର ଶିବ ନାୟକ(୬୦)। ଅନ୍ୟ ଏକ ପରିବାରର ବାପ, ପୁଅ ମିଶି ଶିବଙ୍କୁ ହତ୍ୟା କରିବା ପରେ ତାଙ୍କ ଘର ନିକଟରେ ମୃତଦେହ ଫିଙ୍ଗିଦେଇ ପଳାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ବିଶ୍ୱଜିତ୍ ରାୟ ଓରଫ୍ ପିଣ୍ଟୁଙ୍କୁ ରବିବାର ପୋଲିସ ଗିରଫ କରିଥିବା ବେଳେ ତାଙ୍କ ବାପା ଫେରାର ହୋଇଯାଇଛନ୍ତି। ହତ୍ୟାରେ ବ୍ୟବହୃତ କାଠଫାଳିଆ ଓ ହାତୁଡ଼ି ଜବତ କରାଯାଇଛି। ପୂର୍ବଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଥିବା ବେଳେ ଏକ ମାମଲା (ନଂ.୮୩/୨୪) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

# ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ମିଳିବ ୧୫ ଦିନ ସାମୟିକ ଛୁଟି

**ଭୁବନେଶ୍ୱର, ୧୦।୩**
**(ଅସମାପିକା ସାହୁ)**

ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କ ପାଇଁ ବର୍ଷକୁ ୧୫ ଦିନର ସାମୟିକ ଛୁଟି ଏବଂ ମହିଳା କର୍ମଚାରୀଙ୍କ ପାଇଁ ସବୈତନିକ ପ୍ରସୂତିକାଳୀନ ଛୁଟି ମିଳିବ। ଏନେଇ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏଥିରେ ପ୍ରାୟ ୩୩,୪୨୦ କର୍ମଚାରୀ (ଶିକ୍ଷକ ଓ ଅଣଶିକ୍ଷକ) ଉପକୃତ ହେବେ। ୫–ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲାଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀ ଓ ସେମାନଙ୍କ ସଂଘ ପକ୍ଷରୁ ଏ ବିଷୟରେ ପ୍ରସ୍ତାବ ଆସିଥିଲା। ସେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ଏହି ପ୍ରସ୍ତାବ ବିଷୟରେ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ରାଜ୍ୟର ୨,୫୬୦ ଉଚ୍ଚ ବିଦ୍ୟାଳୟ, ୯୪୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩୯ ସଂସ୍କୃତ ଟୋଲ ଏବଂ ୧୩୮ ମଦ୍ରାସାରେ କାର୍ଯ୍ୟରତ କର୍ମଚାରୀ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶାରେ ନିର୍ବାଚନ ପରିଚାଳନା ଲାଗି ୩ ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କଲା କଂଗ୍ରେସ

**ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)**

ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହାର ପରିଚାଳନା ଲାଗି ୩ ଜଣ ନେତାଙ୍କୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ନିର୍ବାଚନ ପରିଚାଳନା ସକାଶେ ଓଡ଼ିଶା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ମିନାକ୍ଷୀ ନଟରାଜନ, ହରକ ସିଂହ ରାୱତ ଏବଂ ପ୍ରଗତ ସିଂଙ୍କୁ ଦାୟିତ୍ୱ ମିଳିଛି। ଏହି ୩ ନେତା ଓଡ଼ିଶାର ବିଧାନସଭା ଏବଂ ଲୋକ ସଭା ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହି ଓଡ଼ିଶା ପ୍ରଭାରୀ ଅଜୟ କୁମାର, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଏବଂ ସମ୍ପାଦକମାନଙ୍କ ସହ ଯୋଗାଯୋଗରେ ରହି କାମ କରିବେ। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଏହି ନିଯୁକ୍ତି ଦେଇଥିବା ବେଳେ ଦାୟିତ୍ୱ ପାଇଥିବା ୩ ନେତା ତୁରନ୍ତ ନିଜ ଦାୟିତ୍ୱ ସମ୍ଭାଳିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଳଙ୍କ ଦସ୍ତଖତରେ ଏକ ଚିଠି ଜାରି କରାଯାଇଛି।



ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ରଦର୍ଶନ ପୂଜା ଓ ଉପବାସ



# କେବଳ ଜଣେ

ଲୋକ ସଭା ନିର୍ବାଚନ ପାଇଁ ତାରିଖ ଘୋଷଣାକୁ ମାତ୍ର କେତୋଟି ଦିନ ଥିବାବେଳେ ନିର୍ବାଚନ କମିଶନର (ଇସି) ଅରୁଣ ଗୋଏଲଙ୍କ ଇସ୍ତଫା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କୌତୂହଳର କଥା ହେଲା, ଗତ ଫେବୃଆରୀ ୫ରେ ଅନ୍ୟତମ ଇସି ଅନୁପ ଚନ୍ଦ୍ର ପାଣ୍ଡେ ଅବସର ନେଇଥିଲେ। ତେଣୁ ୩ ଜଣିଆ ନିର୍ବାଚନ କମିଶନରେ ଏବେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଏକା ରହିଲେ। କେଉଁ ପରିସ୍ଥିତିରେ ପଡ଼ି ଗୋଏଲ ଇସ୍ତଫା ଦେଲେ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସେ ତାଙ୍କ ବ୍ୟକ୍ତିଗତ ଅସୁବିଧା ଦେଖାଇ ଏଭଳି ନିଷ୍ପତ୍ତି ନେଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। କିନ୍ତୁ ତାଙ୍କ ଇସ୍ତଫା ବିଷୟରେ ବିଭିନ୍ନ ସୂତ୍ର ଅଲଗା ଅଲଗା ବିଷୟ ଅବତାରଣା କରୁଛନ୍ତି। ଶୁଣିବାକୁ ମିଳୁଛି ସେ ପଞ୍ଜାବରୁ ନିର୍ବାଚନ ଲଢ଼ିବା ଲାଗି ଇସ୍ତଫା ଦେଇଛନ୍ତି। ପୁଣି କୁହାଯାଉଛି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ ସହ ତାଙ୍କର ମତଭେଦ ଥିବାରୁ ସେ ଏପରି ପଦକ୍ଷେପ ନେଇଛନ୍ତି।

ଅରୁଣ ଗୋଏଲଙ୍କ ଚାକିରି ଜୀବନ ଅତ୍ୟନ୍ତ ବିବାଦୀୟ ରହିଆସିଛି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଗୋଏଲ ୨୦୧୯ ଡିସେମ୍ବରରୁ ୧୮ ନଭେମ୍ବର ୨୦୨୨ ପର୍ଯ୍ୟନ୍ତ ଭାରି ଶିଳ୍ପ ମନ୍ତ୍ରଣାଳୟ ସଚିବ ଭାବେ ଦାୟିତ୍ୱ ତୁଲାଇ କାର୍ଯ୍ୟକାଳ ଶେଷ ହେବାର ମାସକ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାର ଦିନକ ପରେ ସେ ଇସି ଭାବେ ନିଯୁକ୍ତି ପାଇଥିଲେ ଏବଂ ୨୧ ନଭେମ୍ବରରେ ଦାୟିତ୍ୱ ନେଇଥିଲେ। ତରବରିଆ ଭାବେ ହୋଇଥିବା ତାଙ୍କ ନିଯୁକ୍ତିକୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଗୋଏଲଙ୍କ ତରବରିଆ ନିଯୁକ୍ତିକୁ ନେଇ କେନ୍ଦ୍ର ସରକାରଙ୍କୁ କେବଳ ପ୍ରଶ୍ନ କରିଥିଲେ। ବର୍ତ୍ତମାନର ସ୍ଥିତି ଦେଖିଲେ ସିଇସି ଓ ଇସିଙ୍କୁ ନିଯୁକ୍ତି ଦିଆଯାଉଥିବା କମିଟିରେ ପ୍ରଧାନମନ୍ତ୍ରୀ, ଜଣେ କ୍ୟାବିନେଟ ମନ୍ତ୍ରୀ ଓ ବିରୋଧୀ ଦଳ ନେତା ରହିଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ଉକ୍ତ କମିଟିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ସ୍ଥାନରେ କ୍ୟାବିନେଟ ମନ୍ତ୍ରୀଙ୍କୁ ରଖାଯିବା ନେଇ ଅତୀତରେ ବହୁ ବାଦବିବାଦ ଦେଖାଦେଇଛି। ଏବେ ଖାଲି ପଡ଼ିଥିବା ସ୍ଥାନରେ ନୂତନ ଭାବେ ଦୁଇ ଜଣଙ୍କୁ ନିଆଯାଇପାରେ। ଏଥିରୁ ଜଣାପଡୁଛି କେନ୍ଦ୍ରରେ ଶାସନ କରୁଥିବା ଦଳ ଆଉ ଦୁଇ ଜଣଙ୍କୁ ନୂତନ ଭାବେ କମିଶନର ପଦବୀରେ ବସାଇପାରିବ ଏବଂ ସେମାନେ ସ୍ୱାଭାବିକ ଭାବେ ଭାଜପା ସମର୍ଥକ ହୋଇଥିବେ ବୋଲି ସ୍ପଷ୍ଟ କହିହେବ। ଇଲେକ୍ସନ୍ କମିଶନରରେ ଏଭଳି ସର୍ବୋଚ୍ଚ ପଦବୀ ଖାଲିପଡ଼ିବା ଏବଂ ତାହା ମାସକ ପରେ ହେବାକୁଥିବା ଲୋକ ସଭା ନିର୍ବାଚନ ପୂର୍ବରୁ ଏପରି ସ୍ଥିତି ଉପୁଜିବା ହୁଏତ କ୍ଷମତାସୀନ ବ୍ୟକ୍ତିଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ ହୋଇ ନ ଥିବ। ଏଥିରୁ ଖିଅ ଟାଣି କୁହାଯାଇପାରେ ଯେ ଶାସକ ଦଳ ନିଜ ଲୋକପ୍ରିୟତା ସମ୍ପର୍କରେ ସନ୍ଦେହରେ ଅଛି। ହୁଏତ ସେଥିପାଇଁ ଦୁଇ ଜଣ କଠୋର ସମର୍ଥକଙ୍କୁ ଶେଷ ମୁହୂର୍ତ୍ତରେ ନିର୍ବାଚନ କମିଶନର ଦାୟିତ୍ୱ ଦେଲେ ସେହି ନବନିଯୁକ୍ତ କମିଶନର ଏବଂ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ୩ ଜଣ ଯାକ ମିଶି ଭାଜପାକୁ ଜିତାଇବା ପାଇଁ ସବୁପ୍ରକାର ପ୍ରୟାସ କରିବେ। ଯଦି ସେହି ଦଳ ପାଇଁ ଲୋକଙ୍କ ସମର୍ଥନ ଉଚ୍ଛୁଳୁ ଥାଆନ୍ତା, ତେବେ ସରକାରୀ କଳର ଆଖିଦୃଶିଆ ସମର୍ଥନ ପ୍ରୟୋଜନ ହୋଇ ନ ଥାନ୍ତା। ଅନ୍ୟପଟେ ଏହା ମଧ୍ୟ ହୋଇପାରେ ଯେ କେବଳ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନେଇ ନିର୍ବାଚନ ସମ୍ମୁଖୀନ ହେଲେ ଭାଜପା ସନ୍ତୁଷ୍ଟ ରହିବ ନାହିଁ। ଉଭୟ ପରିସ୍ଥିତି ଦର୍ଶାଉଛି ସେହି ଦଳର ନେତୃତ୍ୱରେ ହୁଏତ ନିଜର ଶକ୍ତି ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ନାହିଁ। ଏଠାରେ ମନେରଖିବାକୁ ହେବ ଯେ ଭାଜପା ପ୍ରତି ଓଡ଼ିଶାରେ ଦେଖା ଦେଇଥିବା ସମର୍ଥନ ହୁଏତ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଭିନ୍ନ ରୂପ ଧାରଣ କରିଥାଇପାରେ। ତାହା ଆମେ ଜନସାଧାରଣ ଯାହା ଜାଣିପାରୁ ନାହୁଁ, ସେହି ଦଳର ନେତୃତ୍ୱ ନିଶ୍ଚିତ ଭାବେ ଆମଠାରୁ କାହିଁ କେତେ ଅଧିକ ଜାତୀୟ ସ୍ତରର ପରିସ୍ଥିତିକୁ ଅତି ଭଲ ଭାବେ ବୁଝିସାରିଥିବେ। ସେଥିପାଇଁ ଆନ୍ଧ୍ରରେ ଟିଡିପି ସହିତ ବୁଝାମଣାଠାରୁ ଆରମ୍ଭ କରି ବିହାରରେ ନୀତୀଶଙ୍କୁ ଏନ୍‌ଡିଏକୁ ଫେରାଇଆଣି ସେହି ବ୍ୟସ୍ତତାକୁ ଇଙ୍ଗିତ କରୁଥାଇପାରେ।

> **ହୁଏତ ସେଥିପାଇଁ ଦୁଇ ଜଣ କଠୋର ସମର୍ଥକଙ୍କୁ ଶେଷ ମୁହୂର୍ତ୍ତରେ ନିର୍ବାଚନ କମିଶନର ଦାୟିତ୍ୱ ଦେଲେ ସେହି ନବନିଯୁକ୍ତ କମିଶନର ଏବଂ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ୩ ଜଣ ଯାକ ମିଶି ଭାଜପାକୁ ଜିତାଇବା ପାଇଁ ସବୁପ୍ରକାର ପ୍ରୟାସ କରିବେ। ଯଦି ସେହି ଦଳ ପାଇଁ ଲୋକଙ୍କ ସମର୍ଥନ ଉଚ୍ଛୁଳୁ ଥାଆନ୍ତା, ତେବେ ସରକାରୀ କଳର ଆଖିଦୃଶିଆ ସମର୍ଥନ ପ୍ରୟୋଜନ ହୋଇ ନ ଥାନ୍ତା।**

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 8 | | | 2 | | | | |
| | 4 | 6 | | 5 | | | | |
| | | | | | 7 | | 4 | |
| 6 | | | 1 | 8 | | | | |
| | | 1 | | | | | | 8 |
| | | | 5 | | 3 | | 1 | |
| | 2 | 8 | | | | | 5 | |
| | | 4 | | | | 6 | | |
| 9 | | 5 | 3 | | | 1 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 4 | 9 | 7 | 2 | 5 | 8 | 3 |
| 9 | 7 | 8 | 5 | 3 | 6 | 1 | 4 | 2 |
| 3 | 5 | 2 | 4 | 1 | 8 | 9 | 6 | 7 |
| 7 | 3 | 5 | 6 | 2 | 1 | 4 | 9 | 8 |
| 8 | 1 | 9 | 7 | 4 | 3 | 6 | 2 | 5 |
| 2 | 4 | 6 | 8 | 5 | 9 | 7 | 3 | 1 |
| 4 | 2 | 1 | 3 | 9 | 7 | 8 | 5 | 6 |
| 5 | 8 | 3 | 1 | 6 | 4 | 2 | 7 | 9 |
| 6 | 9 | 7 | 2 | 8 | 5 | 3 | 1 | 4 |

ଗତକାଲିର ଉତ୍ତର



# ଆଶା ଆଶଙ୍କାରେ ଆଶାୟୀ

ଡ.ପ୍ରଫୁଲ୍ଲ କୁମାର ସାହୁ

ରାଜ୍ୟରେ କ୍ଷମତାସୀନ ବିଜେଡି ଓ ମୁଖ୍ୟ ବିରୋଧୀ ଦଳ ଏଥର ବୁଝାମଣାଭିତ୍ତିରେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି ବୋଲି ଜୋର୍ ଧରିଛି ଚର୍ଚ୍ଚା। ଗଣତନ୍ତ୍ରରେ ଶାସକ ଦଳ ହେଉଛି ଏକ ମତ୍ତହସ୍ତୀ। ତାକୁ ଆୟତ୍ତ କରିବା ପାଇଁ ଯେଉଁ ଅଙ୍କୁଶ ଦରକାର, ତାହା ହେଉଛି ବିରୋଧୀ ଦଳର ସମାଲୋଚନା। ବିରୋଧୀ ଦଳର ସମାଲୋଚନା ଡରରେ କୌଣସି ଜନବିରୋଧୀ କାର୍ଯ୍ୟ କରିବାକୁ ସାହସ କରେନି ଶାସକଦଳ। କିନ୍ତୁ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଯଦି ଶାସକଦଳ ସହ ଭାଗୁଆଳି ହୋଇ କ୍ଷମତାର ମହୁ ଚାଖିବା ପାଇଁ ଚାହିଁବ, ତେବେ କିଏ ଖୋଜିବ ସରକାରଙ୍କ ଦୋଷତ୍ରୁଟି? ବିରୋଧୀ ଦଳ ନ ଥାଇ ସଂସଦୀୟ ଗଣତନ୍ତ୍ର ସଫଳ ହେବ କେମିତି? ସଂସଦରେ ଶାସକ ଓ ବିରୋଧୀ ଦଳର ଭୂମିକା ସମ୍ପୂର୍ଣ୍ଣ ଅଲଗା। ଏପରି ସ୍ଥଳେ ଦୁଇ ପକ୍ଷ ନିର୍ବାଚନରେ ମେଣ୍ଟ କରିବା ଅର୍ଥ ଦେଢ଼ଶୁର ଭାଇବୋହୂ ମଧ୍ୟରେ ପୀରତି। ଯୁକ୍ତି ଛଳରେ କୁହାଯାଇପାରେ ଯେ ରାଜ୍ୟରେ ବିଜେଡି-ଭାଜପାର ପୀରତି କିଛି ଆକସ୍ମିକ ନୁହେଁ, ବରଂ ଏ ସମ୍ପର୍କ ବେଶ୍ ପୁରୁଣା ଓ ଗହିରିଆ। ପ୍ରବାଦପୁରୁଷ ବିଜୁବାବୁଙ୍କ ଦେହାନ୍ତ ପରେ କେନ୍ଦ୍ରୀୟ ଭାଜପାର ଉଦ୍ୟମରେ ହିଁ ଜନ୍ମ ନେଇଥିଲା ବିଜେଡି। ମହାବାତ୍ୟା(୧୯୯୯)ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ(୨୦୦୦) ଉଭୟ ଦଳ ମେଣ୍ଟ କରି କଂଗ୍ରେସକୁ ହରାଇଲେ ଏବଂ ୨୦୦୯ ପର୍ଯ୍ୟନ୍ତ କ୍ଷମତା ଉପଭୋଗ କଲେ ମିଳିତ ଭାବରେ। ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ଦ୍ଦିଷ୍ଟ କିଛି କାରଣରୁ ମେଣ୍ଟରେ ଫାଟ ସୃଷ୍ଟି ହେବାରୁ ଦୁଇଦଳ ନିଜ ନିଜ ଶକ୍ତିରେ ନିର୍ବାଚନ ଲଢିଲେ ଏବଂ ଏକୁଟିଆ କ୍ଷମତା ଦଖଲ କରିବାକୁ ସକ୍ଷମ ହେଲା ବିଜେଡି। ସେବେଠାରୁ ଦୁଇ ଦଳ ମଧ୍ୟରେ ଆଉ ମେଣ୍ଟ ହୋଇ ନ ଥିଲେ ମଧ୍ୟ ପରସ୍ପର ସମ୍ପର୍କ ଥିଲା ମଧୁର ଏବଂ ସ୍ୱର ବି ଥିଲା ନରମ। ୨୦୧୯ ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ମୁଖ୍ୟ ବିରୋଧୀ ଦଳ ଭୂମିକାରେ ଅବତୀର୍ଣ୍ଣ ହେଲା ପରେ ଶାସକ ବିଜେଡି ପ୍ରତି ଭାଜପାର ସ୍ୱର କିଛି ମାତ୍ରାରେ ଆକ୍ରମଣାତ୍ମକ ହେଲା ସତ, କିନ୍ତୁ ଅସଲ ବେଳେ ଉଭୟ ହାତ ଟେକିଲେ ଉଭୟଙ୍କ ସପକ୍ଷରେ। ବିଶେଷକରି ଦିଲ୍ଲୀରେ ଆବଶ୍ୟକ ବେଳେ ଅକୁଣ୍ଠ ସହଯୋଗ ଯୋଗାଇ ଚାଲିଲା ବିଜେଡି। ଦୁଇଦଳ ମଧ୍ୟରେ ସମ୍ପର୍କକୁ ଦେଖି ଲାଗୁଥିଲା-'କାଉ କୋଇଲିର ଏକା ବର୍ଣ୍ଣ, ରାବନ୍ତି ଖାଲି ଭିନ୍ନ ଭିନ୍ନ'।

ଆଶ୍ଚର୍ଯ୍ୟର ବିଷୟ ଦୁଇ ଦଳ ପରସ୍ପର ପ୍ରତି ଏତେ କୋମଳ ମନୋଭାବ ପୋଷଣ କରିବା ସତ୍ତ୍ୱେ ତୃଣମୂଳ ସ୍ତରର ରାଜନୀତି ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଉଭୟ ଦଳର କର୍ମୀଙ୍କ ଆଭିମୁଖ୍ୟ ଥିଲା ସମ୍ପୂର୍ଣ୍ଣ ଆକ୍ରମଣାତ୍ମକ। ନିଜ ନିଜର ରାଜନୈତିକ କ୍ଷେତ୍ର ପ୍ରସ୍ତୁତ ପାଇଁ ନିଆଁରେ ଘିଅ ଢାଳୁଥିଲେ ଉଭୟ ଦଳର ଛାମୁଆ ନେତା। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନାର ଶ୍ରେୟ ନେବା ପାଇଁ ଦୁଇଦଳ ମଧ୍ୟରେ ଚାଲୁଥିଲା କମର କଷାକଷି। ରାଜ୍ୟ ଦେଉ କି କେନ୍ଦ୍ର ଦେଉଛି- ଏହାକୁ ନେଇ ସ୍ଥାନୀୟ ନେତାଙ୍କ ଭିତରେ ଚାଲୁଥିଲା କାଦୁଅ ଫିଙ୍ଗାଫିଙ୍ଗି। ଲଢେଇ ପୂର୍ବରୁ ଷଣ୍ଢ ଛାଇ ପୋତାପୋତି ହେଲା ପରି ଦୁଇଦଳ ଭିତରେ ଚାଲିଥିବା ପାଗ ଭିଡ଼ାଭିଡ଼ି ଦେଖି ଲାଗୁଥିଲା ଏଥର ମଇଦାନରେ ଖୁବ ଜୋରଦାର ହେବ ଲଢ଼େଇ। ଆଶାୟୀ ପ୍ରାର୍ଥୀ ଓ କର୍ମୀଙ୍କ ଦ୍ୱାରା କ୍ଷେତ୍ର ବି କର୍ଷଣ ସରିଥିଲା ଖୁବ୍ ବଢିଆ ଢଙ୍ଗରେ। ଯୁଦ୍ଧ ବିଗୁଲ ବାଜିବା ଆଗରୁ ଭିଡା ସରିଥିଲା ପାଗ। କିନ୍ତୁ ଯୁଦ୍ଧ ବଦଳରେ ଯେ ସନ୍ଧି ହେବ ଏକଥା ଜାଣିପାରି ନ ଥିଲେ କର୍ମୀ। ରଣରଙ୍ଗ ଦୁଇ ସେନାପତି ଯେ ଯୁଦ୍ଧ ପୂର୍ବରୁ ଅସ୍ତ୍ରଛାଡି ଏଭଳି ପାଣିଚିଆ ନିଷ୍ପତ୍ତି ନେବେ ତା'ର ଟେର ପାଇ ନ ଥିଲେ ପ୍ରତିପକ୍ଷ ବିରୋଧରେ ସିଂହରଡି ଛାଡୁଥିବା ଛାମୁଆ ନେତାମାନେ।



ମେଣ୍ଟର ଉଦ୍ଦେଶ୍ୟ ସେବା ହେଉ କି ସ୍ୱାର୍ଥ ହେଉ ଏଥିରେ ଖୁବ୍ ଆଘାତପ୍ରାପ୍ତ ହୋଇଛି କର୍ମୀ। ଗାଁରେ କହନ୍ତି-'ତେଲ ଓ ତେଲି ହୋଇଲେ ଏକା, ପିଡିଆ ଖଣ୍ଡକ ବାହାରେ ପକା।' ଏବେ ସେଇ ଅବସ୍ଥା ହୋଇଛି କର୍ମୀର। କେହି ବୁଝିଲେନି ପରସ୍ପର ବିରୋଧରେ ପାଟିତୁଣ୍ଡ, ପିଟାପିଟି ଓ ଥାନା ପୋଲିସ ହୋଇ ଦୀର୍ଘଦିନ ଧରି ଯନ୍ତ୍ରଣା ଭୋଗୁଥିବା କର୍ମୀଙ୍କ ମନକଥା। ସୋସିଆଲ ମିଡିଆରେ ଅଜାଡି ହୋଇପଡୁଛି ତା'ର କ୍ଷୋଭ ଆଉ ଅବଶୋଷ। ମେଣ୍ଟ ନିଷ୍ପତ୍ତିକୁ ଆଦୌ ଗ୍ରହଣ କରି ପାରୁ ନ ଥିବା କର୍ମୀଟିର ଅନ୍ତତଃ ଏବେ ଏତିକି ଅଭିଜ୍ଞତା ହେଲା- ଉପରେ ରାଜନୀତି କରୁଥିବା ଲୋକ ଯେତିକି ଚତୁର, ତଳ ସ୍ତରରେ ସେମାନଙ୍କ ଜିନ୍ଦାବାଦ କରି ପରସ୍ପର ଭିତରେ ସମ୍ପର୍କ ଖରାପ କରୁଥିବା ଲୋକ ସେତିକି ବୋକା। କର୍ମୀଙ୍କ କଥା ଛାଡନ୍ତୁ ରାଜନୀତିରେ ସାମାନ୍ୟ ରୁଚି ରଖିଥିବା ଲୋକଙ୍କ ମନରେ ବି ପ୍ରଶ୍ନ-କାହା ବିରୋଧରେ ଏହି ମେଣ୍ଟ ? ସମସ୍ତେ ଜାଣନ୍ତି ଏବେ ଓଡ଼ିଶାରେ ଆଦୌ ଭଲ ନାହିଁ କଂଗ୍ରେସର ସ୍ଥିତି। କେହି କେହି କୁହାଳିଆ ନେତା ହୁଏତ ଆଗାମୀ ନିର୍ବାଚନରେ ତାଙ୍କ ଦଳ ଖୁବ୍ ଭଲ ପ୍ରଦର୍ଶନ କରିବ ବୋଲି ବାହୁସ୍ଫୋଟ ମାରିପାରନ୍ତି, କିନ୍ତୁ ଏଭଳି ମନ୍ତବ୍ୟର ବାସ୍ତବ ଆଧାର ହେଲା- 'ସାହୁ କହିଛି, ପାଚିଲା ଧାନରେ ମଇ ଦେଉଛି'। କଂଗ୍ରେସ ଏତେ ଦୟନୀୟ ସ୍ଥିତିରେ ଥିବାବେଳେ ଆଉ କାହା ଭୟରେ ମେଣ୍ଟ ? ଯଦି ତୁ ତ ମୁତୁରୀ ମୁଁ ତ ମୁତୁରୀ ହେଁସ କାହିଁପାଇଁ ଧୋଇବା' ନ୍ୟାୟରେ ମେଣ୍ଟ ହେଉଥାଏ ତେବେ ଧରିନେବାକୁ ହେବ ଯେ ଅନ୍ୟ କେହି ରାଜନୈତିକ ପ୍ରତିପକ୍ଷ ବିରୋଧରେ ନୁହେଁ, ବରଂ ଏ ମେଣ୍ଟ ସାଧାରଣ ଲୋକଙ୍କ ବିରୋଧରେ। ପ୍ରସଙ୍ଗ କ୍ରମେ ଆଉ ଯେଉଁ କଥାଟି ଯଥେଷ୍ଟ ଗୁରୁତ୍ୱ ବହନ କରେ ତାହା ହେଲା- ଶାସକଦଳ ଓ ମୁଖ୍ୟ ବିରୋଧୀ ଦଳ ମଧ୍ୟରେ ଯଦି ମେଣ୍ଟ କରିବାର ଥିଲା, ତେବେ ନିଜ ଢୋଲ ନିଜେ ପିଟିବାକୁ ଯାଇ ବିଜ୍ଞାପନ ବାବଦରେ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଗଲା କାହିଁକି ? ଯେଉଁଠି ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇପାରୁନି, ସେଠାରେ ନିର୍ବାଚନକୁ ଆଖି ଆଗରେ ରଖି ବିକାଶକୁ ଏତେ ଜୋରରେ ଦୌଡେଇବାରେ କି ଲାଭ ?

ରାଜନୀତିରେ ପଦକ୍ଷେପର ପ୍ରାୟତଃ ଦୁଇଟି ଦିଗ ଥାଏ -ଗୁଣ ଓ ଖୁଣ। ଏଭଳି ମେଣ୍ଟ ରାଜନୀତିର ଖୁଣ ତ ଅନେକ। କିନ୍ତୁ ଗୁଣ ବୋଲି ଯାହାକୁ କହିବା ସେ କଥାଟି ହେଲା- ଘର ପଛେ ପୋଡିଯାଉ, ଓଡ଼ଶ କେଞ୍ଚେ ପାଇବା ଦରକାର। ଆମ ଦେଶରେ ନିର୍ବାଚନ ଋତୁ ଆସିଲେ ପ୍ରାୟତଃ ସବୁ ଦଳ ପକ୍ଷରୁ ଆୟୋଜିତ ହୁଏ ମିଶ୍ରଣ ପର୍ବ। ଯେଉଁମାନେ ଅନ୍ୟ ଦଳରେ କୋଣଠେସା ହୋଇ ପଡିଥାନ୍ତି,ଟିକେଟ ପାଇବା ଆଶା ହରେଇ ଥାନ୍ତି କିମ୍ବା ଦୁର୍ନୀତିରେ ଛନ୍ଦିହୋଇ ନିରାପଦ ଆଶ୍ରା ଖୋଜୁଥାନ୍ତି,ସେମାନଙ୍କୁ ମିଳିଯାଏ ନୂଆ ଶିବିରରେ ଶରଣ ନେବାର ସୁଯୋଗ। ମଜାର କଥା ଏବେ ଅକଳରେ ପଡିଛନ୍ତି ସଦ୍ୟ ଶିବିର ପରିବର୍ତ୍ତନ କରିଥିବା କିଛି ଟିକେଟ ଆଶାୟୀ। କାରଣ ଏମାନେ ରଙ୍ଗ ବଦଳେଇବାର କେଇ ଘଣ୍ଟା ମଧ୍ୟରେ ରଙ୍ଗ ବଦଳେଇଲା ନିଜେ ରାଜନୀତି। ସମ୍ପ୍ରତି ଏମାନଙ୍କର ଦୁର୍ଦ୍ଦଶା କଥା ଭାବିଲେ ମନେପଡ଼େ 'ସୋଲେ' ଚଳଚ୍ଚିତ୍ରର ସେହି ସ୍ମରଣୀୟ ସଂଳାପ-'ତେରା କ୍ୟା ହୋଗାରେ କାଲିଆ'। କେବଳ ଦଳଡିଆଁ ନୁହନ୍ତି, ନୂଆ ସମୀକରଣ ନେଇ ଘର ସଜାଡୁଥିବା ନେତାଙ୍କ ମୁଣ୍ଡ ବି ଗୋଳ। କେଉଁ ଆଧାରରେ ଆସନ ବୁଝାମଣା ହେବ, ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି ଭିନ୍ନ ଭିନ୍ନ ଗଣିତ। ସେହି ଆଧାରରେ ମନକୁ ଛୁଇଁଲାଣି- 'ମୁଁ ଯାହାକୁ ଆଖେଇ ଥିଲି,ଆଉ କିଏ ତାକୁ କାଖେଇଲାଣି'ର ଭୟ। କେଉଁ ଆସନ କାହା ଭାଗରେ ପଡିବ ତା'ର ପୂର୍ବାନୁମାନ କରି ହେଉ ନ ଥିବାରୁ ଆଶାୟୀଙ୍କ ଏଭଳି ଆଶଙ୍କା ସ୍ୱାଭାବିକ। କାରଣ ଆସନ ବୁଝାମଣାର ସୂତ୍ରଟି ହେଉଛି ତେଲିଆ ମୁଣ୍ଡରେ ତେଲ। ଅର୍ଥାତ୍ ଆସନକୁ ନେଇ ନୁହେଁ, ପ୍ରାର୍ଥୀଙ୍କ ପତିଆରାକୁ ଦୃଷ୍ଟିରେ ରଖି ଚୂଡାନ୍ତ ହୁଏ ଭାଗବଣ୍ଟା। ଏହା ଦ୍ୱାରା ତୃଣମୂଳ ସ୍ତରର ନେତା ବଳି ପଡନ୍ତି ଓ ଝିଣ୍ଟିକା ମାରି ବଣି ପୋଷିବା ନ୍ୟାୟରେ ଚମକି ଉଠେ କିଛି ପ୍ରଭାବଶାଳୀ ନେତାଙ୍କ ଭାଗ୍ୟ। ଏହି ପରିପ୍ରେକ୍ଷୀରେ ଶେଷ କଥାଟି ହେଉଛି ପ୍ରକୃତ ଯୋଦ୍ଧା ପକ୍ଷରେ ବିଜୟ କିମ୍ବା ମୃତ୍ୟୁ ଶ୍ରେୟସ୍କର, କିନ୍ତୁ ସନ୍ଧି ନୁହେଁ।

**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**



# ମଦ ମର୍ଯ୍ୟାଦା

ଡ. ଗୌରହରି ରାଉତ

ଘଟଣାଟି ଏଇ ଅଳ୍ପଦିନ ତଳର। କଲେଜ ପଢ଼ା ଆମ ପୁରୁଣା ସାଙ୍ଗମାନଙ୍କ ବନ୍ଧୁମିଳନର ରାତ୍ରଭୋଜନରେ ମୁଁ ଏକ ରକମ ହରଡ଼ ଘଣାରେ ପଡ଼େ। ଭୋଜନ ପର୍ବ ଶେଷ ହେବା ଉତ୍ତାରୁ କେତେକ ବନ୍ଧୁ ବିଦେଶୀ ପାନୀୟ ସେବନ କରିବା ପାଇଁ ଟେବୁଲ ଚାରିପାଖରେ ବସି ସେମାନଙ୍କ ସହ ତାହା ପାନ କରିବାକୁ ମୋତେ ବାଧ୍ୟ କଲେ। ଯା' ହେଉ ସେମାନଙ୍କର ମୋତେ ବିଦେଶୀ ପାନୀୟ ପାନ କରାଇବାର ଶତଚେଷ୍ଟା ବିଫଳ ହେଲା। ମୁଁ ସେତେବେଳେ ଶେଷ ସିଦ୍ଧାନ୍ତରେ ପହଞ୍ଚିଲି - ବନ୍ଧୁ ସମ୍ପର୍କ ପଛକେ ଛିନ୍ନ ହେଉ, ମାତ୍ର ସେ ବିଦେଶୀ ପାନୀୟ ସ୍ପର୍ଶ କରିବି ନାହିଁ। ମଦମାୟାରେ ନ ଭଳିବାର ପରିଣାମରେ ସେମାନଙ୍କ ଦୃଷ୍ଟିରେ ମୁଁ ନିହାତି ଏକ ଆଉଟ ଡେଟେଡ୍ ପୁରୁଣା ମଫୁ ଭାବରେ ପରିଚିତ ହେଲି। ସେବେଠାରୁ ସାଙ୍ଗମାନେ ଜାଣିଗଲେ ଯେ ଏ ଅନାଡ଼ି ମଦର ମର୍ଯ୍ୟାଦା ଜାଣେନି। ଆଉ ଯେତେଥର ଭୋଜିଭାତ ହୋଇଛି, ଭୋଜନ ପରେ ସେଇ କେତେଜଣ ସମଧର୍ମା ନିଜର ସାମାଜିକ ମର୍ଯ୍ୟାଦା (?) ପାଇବା ପାଇଁ ବିଦେଶୀ ମଦ୍ୟର ଆସର ଜମାନ୍ତି ସିନା, ଭୁଲ୍‌ରେ ମୋତେ ସେଥିରେ ସାମିଲ କରନ୍ତିନାହିଁ।

ସାମ୍ପ୍ରତିକ ସମାଜରେ ମଦଠାରୁ ଅଲଗା ହୋଇଗଲେ 'ମର୍ଯ୍ୟାଦା' ଶବ୍ଦଟା ଅଚଳ ପଇସା ପରି ହୋଇଯାଏ ବୋଲି ମଦ-ପ୍ରିୟ ଅଧିକାଂଶଙ୍କର ଧାରଣା। ବୋଇଲେ ମଦ ସହିତ ମର୍ଯ୍ୟାଦାର ସମ୍ପର୍କ ଏତେ ନିବିଡ଼ ଯେ ଏକ ବିନା ଆରେକ ନିଜର ଅସ୍ତିତ୍ୱ ହରାଇଲା ପରି ଲାଗିବ। ଏ କଥା ଆମେ କହୁନୁ, ମଦ-ମାତାଲଙ୍କର ଏହା ମତ। କାୟାର ଛାୟା ପରି ପରସ୍ପରର ଆତ୍ମୀୟତାକୁ ଏଇ ପ୍ରଜାତିର ଲୋକେ ଅନୁଭବ କରନ୍ତି ବୋଲି ମଦ ସହ ଯୋଡ଼ିହୋଇ ମର୍ଯ୍ୟାଦାବନ୍ତ ଭାବରେ ଆତ୍ମସନ୍ତୋଷ ଲାଭ କରନ୍ତି। ଆମ ତୁମ ପରି ଯେଉଁ ଗୋଷ୍ଠୀ ଏଥିରୁ ବାଦ୍ ପଡୁ ସେମାନଙ୍କର କି ମର୍ଯ୍ୟାଦା ସମାଜରେ ? ଖାଲି ଯାହା ଅନାଡ଼ି, ଆଉଟ ଡେଟେଡ୍ ଆଉ ଅନାର୍ଯ୍ୟ ଭାବରେ ବଞ୍ଚିବାଟା ସାର ହୁଏ ସେମାନଙ୍କର।

କଥାଟା ଆଜ୍ଞା ମିଛ ନୁହେଁ। ଏଇ ଦେଖୁନାହାନ୍ତି -ବାହା ଭୋଜିରେ କେମିତି ମଦର ମହିମା ବଢ଼ିଯାଏ ! ଆପଣ ଯଦି ପୁଅ ବାହାଘର କରିଥିବେ, ଆମ କଥାର ଖିଅ ଧରିପାରିବେ। ଯଦି ଆପଣ ବରଯାତ୍ରୀଙ୍କୁ ଟାଙ୍କେ ଟାଙ୍କେ ମଦ ପିଇବାକୁ ନ ଦେବେ ତେବେ ଜାଣିନିଅନ୍ତୁ ଆପଣଙ୍କ ପୁଅ ସହ କେହି ବରଯାତ୍ରୀ ଯିବେନି। 'ପାୱାର ପ୍ଲସ' ଏଇ ସୋମରସ ଟିକକ ମାରି ହିନ୍ଦୀ ନାଗୀନ ଗୀତର ତାଳେ ତାଳେ ଯେତେବେଳେ ତରୁଣ/ଯୁବଗୋଷ୍ଠୀ ଗୁହ ଗୋବରରେ ଗଡ଼ି ନାଚନ୍ତି କ'ଣ ବଖାଣିବା ସେତେବେଳର ଦୃଶ୍ୟ ? ଓଃ, ସେ କି ମର୍ଯ୍ୟାଦା ! ଏ ମର୍ଯ୍ୟାଦା କ'ଣ ଆମ ତୁମପରି ଅନାଡ଼ିମାନଙ୍କ ଭାଗ୍ୟରେ ଜୁଟେ ? ଏମାନଙ୍କ ମର୍ଯ୍ୟାଦା ସେତେବେଳେ ଆହୁରି ବଢ଼ିଯାଏ - ଯେତେବେଳେ ବର ବରଣୀ ହେବାପରେ ଏମାନଙ୍କୁ ଭୋଜନ ପାଇଁ କନ୍ୟା ଘର ତରଫରୁ ଆମନ୍ତ୍ରଣ କରାଯାଏ। ତଣ୍ଟିପର୍ଯ୍ୟନ୍ତ ପିଇଥିବା ମଦ ମର୍ଯ୍ୟାଦାସମ୍ପନ୍ନ ଏମାନେ ଯେତେବେଳେ ଖାଦ୍ୟ ପରଷୁଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ଖରାପ ବ୍ୟବହାର ଦେଖାନ୍ତି, ସେତେବେଳେ ସେମାନଙ୍କଠାରୁ ଉତ୍ତମ ମଧ୍ୟମ ଖାଇ ନିଜ ମର୍ଯ୍ୟାଦାର ମାହାତ୍ମ୍ୟ ଦେଖାନ୍ତି। ହୋଟେଲ, ବାର, ରେସ୍ତୋଁରା - ଯଦି ଏସବୁ ଜାଗାକୁ ଆପଣ ଯାଉଥାନ୍ତି 'ପାୱାର ପ୍ଲସ' ସୋମରସ ପାନକରିବାର ଅଭ୍ୟାସ ରଖନ୍ତୁ, ନଚେତ ଆମପରି ଅନାଡ଼ି ପରି ଅପଦସ୍ଥ ହେବେ ସେଠି। ଅପଡେଟେଡ୍ ମୋର ଜଣେ ବନ୍ଧୁ ଥରେ କହିଲେ - ଜାଣିଛୁ, ଆମେ ବୋଇଲେ ମୁଁ, ମୋ ମିସେସ, ଡାଡ୍, ମମ୍ ସମସ୍ତେ ଆମ ଭୋଜନ ଟେବୁଲ ପାଖରେ ବିଦେଶୀ ପାନୀୟ ସେବନ କରୁ। ବନ୍ଧୁଙ୍କଠାରୁ ଏକଥା ଶୁଣିଲାପରେ ମୋତେ କାହିଁକି ଆକାଶିଆ ଆକାଶିଆ ଲାଗିଲା। ମୁଁ ସେତେବେଳେ ସ୍ୱାଗତୋକ୍ତି କରୁଥିଲି - ହାୟ ହାୟ ମୁଁ କେଡ଼େ ଅନାଡ଼ିଟିଏ। ଆଧୁନିକ ଚାକଚକ୍ୟପୂର୍ଣ୍ଣ ସମାଜରେ ମୁଁ ଅଭାଗା, ଅନାର୍ଯ୍ୟ କେମିତି ଗୋଠଖଣ୍ଡିଆ ଜୀବ ଭାବରେ ବଞ୍ଚୁଛି ସତେ !

ଆଉ ଜଣେ ଅନ୍ତରଙ୍ଗ ମୋତେ ଏଇ ସୋମରସ ପାନ କରାଇବାକୁ ଶତପ୍ରୟାସ କରି ବିଫଳହୋଇ ଦିନେ କହିଲା- ହଇରେ ତୁ ଇହଧାମ ଛାଡ଼ି ଯେତେବେଳେ ଯମପୁରରେ ପହଞ୍ଚିବୁ, ଚିତ୍ରଗୁପ୍ତ ତୋ'ର ସବୁ ହିସାବନିକାଶ କରି କହିବ 'ତୋତେ ମାନବ ଜନ୍ମ ଦେଇ ମର୍ତ୍ତ୍ୟଲୋକକୁ ପଠାଯାଇଥିଲା କ'ଣ ଏଇଥିପାଇଁ ? ଜୀବଦ୍ଦଶାରେ କେବେ ତ ସେ 'ପାୱାର ପ୍ଲସ' ସୋମରସ ଚାଖିଲୁନାହିଁ। ଜୀବନ ତୋ'ର ଅସାର/ଅସଫଳ ହେଲା; ସୁତରାଂ ଅଧୁରା ଜୀବନକୁ ପୂରା କରିବାକୁ ତୋତେ ପୁଣି ମର୍ତ୍ତ୍ୟଧାମରେ ଜନ୍ମ ନେବାକୁ ପଡ଼ିବ। ମୋ କଥା ମାନ, ନଇଲେ ଚିତ୍ରଗୁପ୍ତ ଆଉଥରେ ତୋତେ ମର୍ତ୍ତ୍ୟମଣ୍ଡଳକୁ ପଠାଇବ। ତେଣୁ ଏଇ ଜନ୍ମରେ ସେସବୁ ଚାଖିଥା। ଅନ୍ତରଙ୍ଗ ବନ୍ଧୁର ଏଇ କଥାକୁ ମନ ଭିତରେ ହର ଗୁଣ କଲି। କଥାର ମଞ୍ଜିଟାକୁ ମଗଜକୁ ନେଇ ଭାବିଲି- ସତରେ ବନ୍ଧୁ ମୋ'ର ଏକ ଗହନକଥା କହିଲା ଆଜି! ମୋ ଭଳି ସବୁ ଅନାଡ଼ିଙ୍କୁ ତ ଅପଦସ୍ଥ ହେବାକୁ ପଡ଼ିବ ଯମ ଦରବାରର ଚିତ୍ରଗୁପ୍ତ ପାଖରେ! ସେଇ କଥା ଖାଲି ଅହରହ ହାତୁଡ଼ି ପିଟିହେଲାପରି ଲାଗୁଛି। ମୋ ପଛରେ ଆଜି ଅଲଟ୍ରା ମଡର୍ନ ସମାଜ ଦାନ୍ତ ନିକୁଟି ହସୁଛି ହୋ-ହୋ ହୋଇ - ମଦବିହୀନ ଜୀବନ ଅଳମ। ଧେତ୍ ଅନାଡ଼ି କାହାଙ୍କା।



ୟା'ର ଗୁଣ କହିଲେ ନ ସରେ। ଏଥିରୁ ଟିକିଏ ମାରିଦେଇ ପୁରୁଷପୁଙ୍ଗବଟିଏ ଘରକୁ ଫେରି ଯେତେବେଳେ ନିଜ ପିଲା ସ୍ତ୍ରୀଙ୍କ ଉପରେ ମରଦପଣ ଦେଖାଏ, ସେତେବେଳେ ସେ ନିଜକୁ ଇନ୍ଦ୍ରଠାରୁ ବି ବଡ଼ ମନେକରି ମର୍ଯ୍ୟାଦାବନ୍ତ ଘଇତାର ପରିଚୟ ଜାହିର କରୁଥାଏ। କିନ୍ତୁ ସେତେବେଳେ ମଦ ମର୍ଯ୍ୟାଦା ଧରାଶାୟୀ ହୁଏ, ଯେତେବେଳେ ଶକ୍ତିସ୍ୱରୂପା ସ୍ତ୍ରୀର ଝାଡ଼ୁ ପ୍ରହାର ରୂପକ 'ପେଟେଣ୍ଟ ମେଡିସିନ' ଆରମ୍ଭ ହୋଇଯାଏ। ପାନ କଲାମାତ୍ରେ ପାତକ ପୋଛି ହୋଇଯାଏ ବୋଲି ମଦ-ଭକ୍ତମାନେ ଧାଇଁଛନ୍ତି ତା'ରି ପଛରେ। ଏମାନେ ଯେତେବେଳେ ମାଲ୍ ଟିକିଏ ମାରି ବାଇକ କି କାର ଚଳାଉଥାନ୍ତି ସେ ତ ଏକ ଅକଳ୍ପନୀୟ ଅତୀନ୍ଦ୍ରିୟ ଜଗତରେ ଘୂରୁଥିବା ପରି ଲାଗେ। ସେତିକିବେଳେ ତାଙ୍କ କଳ୍ପିତ ବ୍ୟୋମଯାନ ଚଢ଼ିବାର ନିଶା ଚୂରମାର ହୁଏ ଯେତେବେଳେ ସେ ଦୁର୍ଘଟଣା ସ୍ଥଳରୁ ଆମ୍ବୁଲାନ୍ସ ସାହାଯ୍ୟରେ ଆଣି ତାଙ୍କୁ କେଉଁ ହସ୍ପିଟାଲର ଆଇ.ସି.ୟୁ.ରେ ଭର୍ତ୍ତି କରାଯାଏ ଅଥବା ଟ୍ୟାଗଲଗା ପଲିଥିନରେ ବନ୍ଧା ନିଷ୍ପ୍ରାଣ ଶରୀରକୁ ହସ୍ପିଟାଲର ପଛ ଦରଜା ଦେଇ ବାହାରକୁ ଅଣାଯାଏ। ସେତେବେଳେ ଦେଖଣାହାରୀ ଯାହା ଭାବୁଥାନ୍ତି - ବାଃ ମଦର କି ମର୍ଯ୍ୟାଦା !

**ଭୋଇନଗର, ଭୁବନେଶ୍ୱର**
**ମୋ: ୮୭୬୩୮୫୩୨୪୪**

## ଏଇ ଭାରତରେ

ବ୍ୟାଟେରି ପାଇଁ ଶଢ଼େଇରୁ ତିଆରି ହେଉଛି ନାନୋକାର୍ବନ। ଏହା ବିଶ୍ୱାସ ହେଉ ନ ଥିଲେ ବି ସତ। ରାଜସ୍ଥାନ ଜୟପୁରର ଅକ୍ଷୟ ଜୈନ ଓ ମାହି ସିଂଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ଏହି ଦମ୍ପତି କ୍ୟାନକ୍ରି ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ଏହି ନାନୋକାର୍ବନ ପ୍ରସ୍ତୁତ କରୁଛନ୍ତି। ଏକ ପରିବେଶ ଉପଯୋଗୀ ବିଶ୍ୱ ପାଇଁ ବ୍ୟାଟେରିରେ ଅଧିକ ଶକ୍ତି ଗଚ୍ଛିତ କରି ରଖିବା କ୍ଷେତ୍ରରେ ଏହା ସହାୟକ ହୋଇପାରୁଛି ଓ ଏହା ବ୍ୟାଟେରିର କ୍ଷମତା ୧୨୫% ବୃଦ୍ଧି କରିପାରୁଛି। ଫଳରେ ଖଣିଜଜାତ ଧାତବର ଆବଶ୍ୟକତା କମିବ ବୋଲି କହନ୍ତି ଅକ୍ଷୟ। ଏହି ଟେକ୍ନୋଲୋଜିକୁ ସେମାନେ ପ୍ୟାଟେଣ୍ଟ କରିଛନ୍ତି। ଅକ୍ଷୟ ସିଙ୍ଗାପୁର ନ୍ୟାଶନାଲ ୟୁନିଭର୍ସିଟିରୁ କେମିକାଲ ଇଞ୍ଜିନିୟରିଂରେ ପିଏଚ୍.ଡି. ଓ ମାହି ସିଙ୍ଗାପୁରର ନୟାଙ୍ଗ ଟେକ୍ନୋଲୋଜିକାଲ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ସେମାନେ ନାନୋକାର୍ବନ ପ୍ରସ୍ତୁତ କରିବାକୁ ନଡିଆକତା, ବର୍ଜ୍ୟ କାଗଜ, ଫ୍ରୁଟ୍ସ ଷ୍ଟୋନ, ପାମ୍ କର୍ନେଲ ଶେଲ୍ ଇତ୍ୟାଦି ଉପରେ ପରୀକ୍ଷା କରିଥିଲେ। କିନ୍ତୁ ଶେଷରେ ଶଢ଼େଇରୁ ଶକ୍ତିଶାଳୀ ନାନୋକାର୍ବନ ମିଳିଥିଲା। ଏବେ ସୁଦ୍ଧା ଅତିକମ୍‌ରେ ୩,୫୦୦ ବ୍ୟାଟେରି କାନକ୍ରି ନାନୋକାର୍ବନରେ ତିଆରି କରାଯାଇଛି ଓ ଏହା ଦିଲ୍ଲୀ, ନଭି ମୁମ୍ବାଇ ଓ ପୁଣେ ମାର୍କେଟ୍‌ରେ ଉପଲବ୍ଧ ହେଉଛି। ଏହି ବ୍ୟାଟେରିରେ ଦୁଇଚକିଆ ଯାନ ୨୨୫ କି.ମି. ଯାଇପାରୁଛି, ସ୍ପିଡ୍ ମଧ୍ୟ ବଢୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ମାର୍ଚ୍ଚ ୧୯୭୫**

- ସିକିମର ଅଡିଟର ଜେନେରାଲ ତଥା ସମ୍ବାଦପତ୍ର ଓ ପ୍ରଚାର ବିଭାଗର ସେକ୍ରେଟାରୀ ଏମ୍.ଏମ୍. ରସିଲିଙ୍କ କେନ୍ଦ୍ରୀୟ ଅଦାଲତର ମୁଖ୍ୟ ବିଚାରପତିଙ୍କ ନିକଟରେ ଆତ୍ମସମର୍ପଣ।
- ଆନ୍ତଃରାଜ୍ୟ ସଡ଼କ ତଥା ଅର୍ଥନୈତିକ ଗୁରୁତ୍ୱ ଥିବା ସଡ଼କଗୁଡ଼ିକର ନିର୍ମାଣ ପାଇଁ ୫୪ କୋଟି ଟଙ୍କାର କେନ୍ଦ୍ରୀୟ ଋଣ ବ୍ୟବସ୍ଥା।

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସଙ୍କ ଲାଞ୍ଚ ଲୋଭ

ମହାଶୟ,

ଖଜୁରି ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ନ୍ୟାୟରେ ପୋଲିସ ବିଭାଗରେ ଚାକିରି ପାଇବାର ସୂତ୍ର ଯେଭଳି, କାର୍ଯ୍ୟରେ ଭର୍ତ୍ତି ହେବା ପରେ ମାସିକ ଦରମା ଛଡା ଉପୁରି ପାଇବାର ସହଜ ରାସ୍ତା ମଧ୍ୟ ସେଭଳି। ପୋଲିସବର୍ଦ୍ଦି ପରିଧାନ ପରେ ହୋମ୍‌ଗାର୍ଡ, କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଜମାଦାରଙ୍କ ପର୍ଯ୍ୟନ୍ତ ସମସ୍ତେ ଯେପରି ଶତସିଂହର ପରାକ୍ରମରେ ବଳୀୟାନ୍ ହୋଇଯାଆନ୍ତି। ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି, ଲାଞ୍ଚ ନେଉଥିବାରୁ ୨ ଏଏସ୍‌ଆଇଙ୍କୁ ଗିରଫ କଲା ଭିଜିଲାନ୍ସ ଶୀର୍ଷକ ଖବର ଖବରକାଗଜରେ ସ୍ଥାନ ପାଇଛି। ପୂର୍ବରୁ ଏଭଳି ବହୁ ରିପୋର୍ଟ ମଧ୍ୟ ପ୍ରକାଶିତ ହୋଇଛି। ସତ କହିବାକୁ ଗଲେ ପୋଲିସର ଆଇନ ଜ୍ଞାନ ଭଲ ଏବଂ ଓକିଲଙ୍କ ଭଳି ଅପରାଧରୁ ଖସିବାର ଗଳାବାଟ ଜାଣିଥିବାରୁ ଲାଞ୍ଚ ନେଲେ କ୍ୱଚିତ ଦଣ୍ଡ ମିଳେ କିମ୍ବା କ୍ଲିନ୍‌ଚିଟ୍। ତେଣୁ ସେମାନେ ଡରିବେ କାହିଁକି ?

**- ଡି.ପି. ତ୍ରିପାଠୀ, ପୁରୀ**

## ଚିରନ୍ତନୀ

ଲହରି ଆଘାତ ସଘନେ ବାଜି ଏ ପରାଣ ପରେ
ଫିଟାଇଦେଇଛି କର୍ଣ୍ଣୁ ମୋହର ଗୀତର ଧାରା !
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ ଶିମୁଳିପାଳ !
-(ପାସୋରି ଦେଲିରେ ଶିମୁଳିପାଳ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁ ମୃତ

ତେନ୍ତୁଳିଖୁଣ୍ଟି, ୧୦।୩(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ପଣସପଦର ଗ୍ରାମରେ ରବିବାର ପାଣିରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ କହିନୁ ବେନିଆଙ୍କ ପୁଅ ଡେବିଡ୍ (୮)। ଇମାନୁ ହିଆଲଙ୍କ ପୁଅ ଆଭାନ (୬) ଗୁରୁତର ଅଛନ୍ତି। ସୂଚନାନୁଯାୟୀ, ଡେବିଡ୍ ଓ ଆଭାନ ଗୋଟାନପଡ଼ା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ୨ଜଣ ପାଣିରେ ବୁଡ଼ି ଯାଇଥିଲେ। ଗ୍ରାମର ଅନ୍ୟ ଏକ ବାଳକ ଏହାଦେଖି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସେମାନେ ଆସି ପୋଖରୀରୁ ଡେବିଡ୍ ଓ ଆଭାନଙ୍କୁ ଉଦ୍ଧାର କରି ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଡେବିଡ୍‌ଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆଭାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କେସ୍ ନମ୍ବର ୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତେନ୍ତୁଳିଖୁଣ୍ଟି ଥାନାଧିକାରୀ କହିଛନ୍ତି।

### ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଡାବୁଗାଁ, ୧୦।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କୋଇଲାରି ପଞ୍ଚାୟତ କାର୍ଯ୍ୟାଳୟରେ କୋଇଲାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀନିବାସର ୩୨ ଜଣ ଓ ମଙ୍ଗଳ ବିଭାଗ ଛାତ୍ରୀନିବାସର ୨୫ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସମସ୍ତ ଶ୍ରେଣୀର ଛାତ୍ରୀଛାତ୍ର ଏକାଠି ହୋଇ ନାଚଗୀତ କରି ବିଦାୟ ଜଣାଇଥିଲେ। ଏଥିରେ ଡାବୁଗାଁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭଗବାନ ମାଝି ଓ ସନ୍ତୋଷ କୁମାର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀକାନ୍ତ ପଣ୍ଡା, ପ୍ରସନ୍ନ କୁମାର ଦଣ୍ଡସେନା, ଗୁପ୍ତେପ୍ରସାଦ ନାଗ, ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ଗୋବିନ୍ଦ ଭତରା, ୱାଡେନ ସାଞ୍ଜୁ କାର୍ଜୀ ଓ ଆଖପାଖ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଗ୍ରାହକ ସେବା କେନ୍ଦ୍ରରୁ ବିଦ୍ୟୁତ୍ ଚୋରି ଅଭିଯୋଗ

ଚନ୍ଦାହାଣ୍ଡି, ୧୦।୩ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦର ଗ୍ରାହକ ସେବା କେନ୍ଦ୍ରରୁ ପାଖରେ ଥିବା କୋଲ୍ଡ୍ରିଙ୍କ୍ସ ହୋଲ୍‌ସେଲ ଦୋକାନୀ କୌଶଳ କ୍ରମେ ବିଦ୍ୟୁତ ଚୋରି କରୁଥିବା ଗ୍ରାହକ ସେବା କେନ୍ଦ୍ର ମାଲିକ ମନୋଜ କୁମାର ପାଣ୍ଡି ଚନ୍ଦାହାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଏକ ଷ୍ଟେସନ ଡାଇରୀ କରି ଘଟଣାର ତଦନ୍ତ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି। ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରାଯାଇଥିବା ଗ୍ରାହକ ସେବା କେନ୍ଦ୍ର ମାଲିକ ମନୋଜ କୁମାର ପାଣ୍ଡି କହିଛନ୍ତି। ସୂଚନାନୁଯାୟୀ, ମୋହରା ପଞ୍ଚାୟତ ବରିଗୁଡ଼ା ଗ୍ରାମର ମନୋଜ କୁମାର ପାଣ୍ଡି ଚନ୍ଦାହାଣ୍ଡି ସଦରରେ ଏକ ଗ୍ରାହକ ସେବା କେନ୍ଦ୍ର ଖୋଲିଛନ୍ତି। ସେ ବିଦ୍ୟୁତ ବିଭାଗରୁ ବାଣିଜ୍ୟ ଗ୍ରାହକ ରୂପେ ଜନସେବା କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ କରିଛନ୍ତି। ରାତି ୯ଟାରେ ସେବା କେନ୍ଦ୍ରକୁ ବନ୍ଦ କରି ନିଜ ଘର ବରିଗୁଡ଼ାକୁ ଯାଇଥାନ୍ତି। ତାଙ୍କ ସେବା କେନ୍ଦ୍ରକୁ ବିଦ୍ୟୁତ୍ ବିଲ୍ ଅଧିକ ଆସିବାରୁ ସେ ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କରଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀ ଏହାର ଯାଞ୍ଚ କରିବା ପରେ ପାଖରେ ଥିବା ହୋଲ୍‌ସେଲ କୋଲ୍ଡ୍ରିଙ୍କ୍ସ ଦୋକାନୀ ସେବା କେନ୍ଦ୍ର ବାହାରେ ଲାଗି ଥିବା ଡିଜିଟାଲ ମିଟରରୁ ଚୋରାରେ ବିଦ୍ୟୁତ୍ କରୁଥିବା ଜଣାପଡ଼ିଥିଲା। ଏହାପରେ ଚନ୍ଦାହାଣ୍ଡି ଥାନାରେ କୋଲ୍ଡ୍ରିଙ୍କ୍ସ ଦୋକାନୀଙ୍କ ନାମରେ ଚନ୍ଦାହାଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସୋମବାର ଏକ ଷ୍ଟେସନ ଡାଇରୀ କରି ବିଦ୍ୟୁତ୍ ବିଭାଗକୁ ଘଟଣାର ତଦନ୍ତ ପାଇଁ ଦିଆଯିବ ବୋଲି ଏଏସ୍‌ଆଇ ଲାବାନ୍ୟ ବେମାଲ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଆରପିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରିବା ସହ ବିଭାଗ ପକ୍ଷରୁ ଏହାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ମାଣ୍ଡିଆ ଆଣିବାକୁ ପରାମର୍ଶ

ତେନ୍ତୁଳିଖୁଣ୍ଟି, ୧୦।୩(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୌଜନ୍ୟରେ ଓଡିଶା ମିଲେଟ ମିଶନ ପକ୍ଷରୁ ମାଣ୍ଡିଆ ମଣ୍ଡି ସଚେତନତା ରଥକୁ ରବିବାର ଶୁଭାରମ୍ଭ କରାଯାଇଛି। ଏହି ରଥ ୪ ଦିନ ବ୍ଲକର ୧୫ ପଞ୍ଚାୟତରେ ଥିବା ସମସ୍ତ ଗ୍ରାମକୁ ଯାଇ ମାଣ୍ଡିଆ ମଣ୍ଡି ବିଷୟରେ ସଚେତନ କରିବ। ତେନ୍ତୁଳିଖୁଣ୍ଟିସ୍ଥିତ ଓଡିଶା ମିଲେଟ ମିଶନ ଅଫିସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ନିଶାନ୍ତ କୁମାର ବିଷୋୟୀ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ସମୟରେ ଅଗ୍ରଗାମୀ ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ଜେନା, ନବଗାମୀ କୃଷକ ଉତ୍ପାଦକ କମ୍ପାନୀ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ନାୟକ ଉପସ୍ଥିତ ଥିଲେ।



ଅତିଥିମାନେ ମାଣ୍ଡିଆ ସଚେତନତା ରଥର ଉଦ୍‌ଘାଟନ କରୁଛନ୍ତି।

ଚଳିତ ବର୍ଷ ମଣ୍ଡିରେ ମାଣ୍ଡିଆର ସର୍ବାଧିକ ମୂଲ୍ୟ ୩୮୪୬ ଟଙ୍କା ରଖାଯାଇଛି। ସମସ୍ତ ଚାଷୀ ଏଫ୍‌ଏକ୍ୟୁମାନର ମାଣ୍ଡିଆ ଆଣି ମଣ୍ଡିରେ ବିକ୍ରି କରିବାକୁ କୁହାଯାଇଛି। ଚଳିତ ବର୍ଷ ତେନ୍ତୁଳିଖୁଣ୍ଟି ବ୍ଲକକୁ ୩୬୦୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିବା ପାଇଁ ଲକ୍ଷ୍ୟ ଦିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୬୦୦ କୁଇଣ୍ଟାଲ ମାଣ୍ଡିଆ ଚାଷୀଙ୍କଠାରୁ କିଣା ଯାଇଛି। ନିର୍ବାଚନ ପୂର୍ବରୁ ମଣ୍ଡି ସାରିବାକୁ ଜିଲା ମୁଖ୍ୟ କୃଷି ଅଧିକାରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅଗ୍ରଗାମୀର ସିଆର୍‌ପି ଟଙ୍କଧର ଝଡ଼ିଆ, ଜଗନ୍ନାଥ ଦିଶାରୀ, ପ୍ରଦ୍ୟୁମ୍ନ ବାଘ, କୃପାସିନ୍ଧୁ ଗୌଡ଼ଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମାଣ୍ଡିଆ ଚାଷୀ ଯୋଗ ଦେଇଥିଲେ। ପ୍ରକାଶ ଯେ, ପୂର୍ବରୁ ମାଣ୍ଡିଆ ମଣ୍ଡି ସଚେତନତା ରଥ ବ୍ଲକରେ ବୁଲିଛି। ବ୍ଲକରେ ମାଣ୍ଡିଆ ମଣ୍ଡି ତ୍ୱରାନ୍ୱିତ କରିବା ଏବଂ ତେନ୍ତୁଳିଖୁଣ୍ଟି ବ୍ଲକକୁ ଦିଆଯାଇଥିବା ଟାର୍ଗେଟ ପୂରା କରିବା ପାଇଁ ପୁଣିଥରେ ଏହାକୁ ଉଦ୍‌ଘାଟନ କରାଯାଇ ଥିବା ସୂଚନା ମିଳିଛି।

**ମାଣ୍ଡିଆ ମଣ୍ଡି ସଚେତନତା ରଥ ଉଦ୍‌ଘାଟିତ**

# ପ୍ରଥମେ ଭାଇ, ଏବେ ଚାଲିଗଲା ଭଉଣୀ ଜୀବନ

ଝରିଗାଁ, ୧୦।୩(କିଶୋର ଚନ୍ଦ୍ର ମଣ୍ଡଳ)

- ମାସେ ତଳେ କାମୁଡ଼ିଥିଲା କୁକୁର
- ଡାକ୍ତରଙ୍କୁ ନ ଦେଖାଇ ଜଡ଼ିବୁଟି ଚିକିତ୍ସା କରାଇଥିଲେ ପରିବାର

ମାସେ ତଳେ କାମୁଡ଼ି ଥିଲା କୁକୁର। ପରିବାର ଲୋକେ କିନ୍ତୁ ଡାକ୍ତରଙ୍କୁ ନ ଦେଖାଇ ଜଡ଼ିବୁଟି ଚିକିତ୍ସା କରାଇଥିଲେ। ଏବେ କୁକୁର କାମୁଡ଼ି ଥିବା ୨ ଭଉଣୀ ଭାଇଙ୍କ ମୃତ୍ୟୁ ହୋଇଯାଇଛି। ଏପରି ଅଭାବନୀୟ ଘଟଣା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଛୁଇଁମାଟି ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ଛୁଇଁମାଟି ଗ୍ରାମର ନୀଳ ସାନ୍ତାଙ୍କ ପୁଅ କମଳ(୪) ଏବଂ ଝିଅ ଭବାନୀ(୬)।

ପରିବାର ଲୋକଙ୍କ ସୂଚନାନୁଯାୟୀ, କମଳ ଓ ଭବାନୀ ଗାଁରେ ଖେଳିବା ସମୟରେ ହଠାତ ଏକ ବୁଲା କୁକୁର ଉଭୟଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ସେମାନଙ୍କୁ ଡାକ୍ତରଖାନାକୁ ନ ନେଇ ଗାଁରେ ଜଡିବୁଟି ଔଷଧ ଦେଇଥିଲେ। କୁକୁର କାମୁଡ଼ିବାର ୨୪ ଘଣ୍ଟା ମଧ୍ୟରେ କମଳଙ୍କର ମୃତ୍ୟୁ ହୋଇଯାଇଥିଲା। ଭବାନୀଙ୍କୁ ମଧ୍ୟ ସେମାନେ ଜଡିବୁଟି ଚିକିତ୍ସା କରାଉଥିଲେ। ଦେହ ବେଶି ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ଗତ ୮ ତାରିଖ ଦିନ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କକରାଇଥିଲେ। ସଠାରେ କୁକୁର କାମୁଡ଼ା ଟିକା ଦିଆଯାଇଥିଲା। ଏହାପରେ ସେ ଘରକୁ ଫେରିଥିଲେ। ରବିବାର ଭବାନୀଙ୍କ ପାଟିରୁ ଫେଣ ବାହାରିବା ସହ ସେ କାନ୍ଦିବା ଆରମ୍ଭ କରିଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଣି ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଭବାନୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଉଭୟ ପିଲାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର




ନିର୍ମାଣ ଶ୍ରମିକଙ୍କୁ ବିଧାୟକ ସହାୟତା ପ୍ରଦାନ କରୁଛନ୍ତି।

ଡାବୁଗାଁ, ୧୦।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ମଣ୍ଡଳ ଶ୍ରମ ଆୟୁକ୍ତ କୁବେର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଥିବା ବିଭିନ୍ନ ସହାୟତା ଉପରେ ଶ୍ରମିକଙ୍କୁ ଅତିଥିମାନେ ବୁଝାଇଥିଲେ। ଶିବରରେ ୩୦୦ ଜଣଙ୍କୁ ନୂତନ ପରିଚୟପତ୍ର, ୧୯୬ ଜଣଙ୍କୁ ୯୭ ଲକ୍ଷ ୫୦ ହଜାର ବିବାହ ସହାୟତା, ୨୮ ଜଣଙ୍କୁ ୨ଲକ୍ଷ ୮୦ ହଜାର ପ୍ରସବକାଳୀନ ସହାୟତା, ୫୯ ଜଣଙ୍କୁ ୨ଲକ୍ଷ ୫୨ ହଜାର ୪୦୦ ଶିକ୍ଷା ସହାୟତା, ୩୦ ଜଣଙ୍କୁ ୫୯ ଲକ୍ଷ ମୃତ୍ୟୁକାଳୀନ ସହାୟତା ଓ ୨୫ ଜଣଙ୍କୁ ୧ଲକ୍ଷ ୨୫ ହଜାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ରାଶି ପ୍ରଦାନ କରାଯାଇଛି। ଏଭଳି ୬୩୮ ଜଣ ହିତାଧିକାରୀଙ୍କୁ ୧ କୋଟି ୬୩ ଲକ୍ଷ ୭ ହାଜର ୪୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ସଭ୍ୟ ଧନସିଂ ଭତରା ଓ ଗୁପ୍ତ ବିଶୋୟୀ, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଜିଲା ସମ୍ପାଦକ ରାଜେଶ ଜାନି, ଡାବୁଗାଁ ସହକାରୀ ଶ୍ରମଧିକାରୀ ମୀନା କୁମାରୀ ମାଝି, ଉମରକୋଟ ସହକାରୀ ଶ୍ରମଧିକାରୀ ମାନସ ରଞ୍ଜନ ଖୋସ୍‌ଲା, ପାପଡ଼ାହାଣ୍ଡି ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଭୂମିଆ, ମଙ୍ଗଳ ସଂଯୋଜକ କେ. ଡିଲିଶର ରାଓ, ଧୋବେନ୍ଦ୍ର ଜୋଷୀ, ଅଭିମନ୍ୟୁ ଟାକ୍ରି, ଜଗନ୍ନାଥ କଲାର ଓ ପ୍ରଭୁ ହରିଜନ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ୧୦ ତାଲିମପ୍ରାପ୍ତ ମହିଳାଙ୍କୁ ସିଲେଇ ମେଶିନ

ନବରଙ୍ଗପୁର, ୧୦।୩(ସଦାଶିବ ପ୍ରହରାଜ)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏସ୍‌ବିଆଇ ପକ୍ଷରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ତାଲିମ କେନ୍ଦ୍ର ନବରଙ୍ଗପୁରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। । ଏହି ସଭାରେ ଗ୍ରାମୀଣ ସ୍ୱରୋଜଗାର ତାଲିମ କେନ୍ଦ୍ରରୁ ସିଲେଇ ଶିକ୍ଷା ନେଇଥିବା ୧୦ ଜଣ ଯୁବତୀଙ୍କୁ ଏସ୍‌ବିଆଇ ପକ୍ଷରୁ ସିଲେଇ ମେଶିନ ପ୍ରଦାନ କରାଯାଇଛି। ଏହି ସିଲେଇ ମେଶିନ ଦ୍ୱାରା ଯୁବତୀମାନେ ନିଜେ କାମ କରି ପରିବାର ପ୍ରତିପୋଷଣ ପାଇଁ କିଛି ମାତ୍ରରେ ସହଯୋଗ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସିଲେଇ ମେଶିନ ପାଇଥିବା ଯୁବତୀମାନେ ଖୁସି ବ୍ୟକ୍ତକରିବା ସହ ଏସ୍‌ବିଆଇକୁ ଧନ୍ୟବାଦ ଜଣାଇଛନ୍ତି। ଏସ୍‌ବିଆଇ ଏଲ୍‌ଡିଏମ୍ ସୁନୀଲ କୁମାର ଜାମୁଡା, ଏସ୍‌ବିଆଇ ସିଏମ୍ ରୋଜତ ପାତ୍ର, ଏସ୍‌ବିଆଇ ଆର୍‌ଏସ୍‌ଇଟିଆଇ ନିର୍ଦ୍ଦେଶକ ସୁନାରାମ ମୁର୍ମୁ, ଆର୍‌ଏସ୍‌ଇଟିଆଇ ପରିଚାଳକ ରାଜକୁମାର ପଟ୍ଟନାୟକ, ନିର୍ମଳ ମିଶ୍ର ସମେତ ଅନ୍ୟ ସହକର୍ମୀ ଯୋଗଦେଇଥିଲେ।

# ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଆଦିବାସୀ ସମ୍ମିଳନୀ



କାର୍ଯ୍ୟକ୍ରମରେ ଭାଜପା ନେତା ଓ କର୍ମୀମାନେ।

ରାଇଘର, ୧୦।୩(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଉମରକୋଟ ନିର୍ବାଚନ ମଣ୍ଡଳୀ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ତତ୍ତ୍ୱାବଧାନରେ ଆଦିବାସୀ ସମାଜ ସମ୍ମିଳନୀ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସମାଜର ବିଶିଷ୍ଟ ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯାଇଛି। ଏଠାରେ ବିଜେଡି ଓ କଂଗ୍ରେସର ୫ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଭାଜପାରେ ମିଶିଛନ୍ତି। କାର୍ଯ୍ୟକ୍ରମରେ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳିରାମ ମାଝି ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟବକ୍ତା, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ରାଜ୍ୟ କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ରାଜ୍ୟ ଅନୁସୂଚୀତ ଜନଜାତି ମୋର୍ଚ୍ଚା ସମ୍ପାଦକ ବାସନ୍ତୀ ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ପୂଜାରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଦର୍ଶନ ମାଝି, ରାମସିଂ ଗଣ୍ଡ, ହାଟଭରଣ୍ଡି ମଣ୍ଡଳ ସଭାପତି ଶିବ କୁମାର ଗଣ୍ଡ, ମାୟାରାମ ଗଣ୍ଡ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଧାନସଭା ସଂଯୋଜକ ସୁରେଶ ଆର୍ଚ୍ଚ୍ୟ ମଞ୍ଚ ପରିଚାଳନା କରିଥିଲେ।

# କ୍ଷୀର ଟ୍ୟାଙ୍କରରେ ନିଆଁ

ନବରଙ୍ଗପୁର, ୧୦।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରସ୍ଥିତ ଇନ୍ଦ୍ରାବତୀ ପୋଲ ନିକଟରେ ଏକ କ୍ଷୀର ଟ୍ୟାଙ୍କରରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଲାଗିଲା ନିଆଁ ଲାଗିଥିଲା। ଏଥିରେ କେହି ମୃତାହତ ହୋଇନାହାନ୍ତି। ସୂଚାନୁଯାୟୀ, (ଏଚ୍‌ଆର୍-୫୫ପି-୬୧୭୫) ନମ୍ବର ବିଶିଷ୍ଟ ଏକ କ୍ଷୀର ଟ୍ୟାଙ୍କର ଉମରକୋଟରୁ ଜୟପୁର ଅଭିମୁଖେ ଯାଉଥିଲା। ଇନ୍ଦ୍ରାବତୀ ପୋଲ ନିକଟରେ କୌଣସି କାରଣ ବଶତଃ ଟ୍ୟାଙ୍କରର ଡିଜେଲ ଟାଙ୍କି ଫାଟି ସେଥରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ଡ୍ରାଇଭର ପ୍ରେମ ସିଂ ଗାଡିରୁ ଓହ୍ଲାଇ ପଡିଥିଲେ। ଗାଡିରେ ନିଆଁ ଲାଗିବା ନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ତୁରନ୍ତ ନବରଙ୍ଗପୁର ଅଗ୍ନିଶମ ବାହିନୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତ। ଗାଡ଼ିଟି ଅଭିଶେକ ଗୁପ୍ତାଙ୍କ ନାଁରେ ରହିଛି। ଗାଡ଼ିର ଆଗ ପଟଟି ସମ୍ପୂର୍ଣ୍ଣ ଜଳିଯାଇଛି।




ଟ୍ୟାଙ୍କରରେ ଲାଗିଥିବା ନିଆଁ।

### ମନ୍ଦିର ନିକଟରୁ ବାଇକ୍ ଚୋରି

ପାପଡ଼ାହାଣ୍ଡି, ୧୦।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ନିକଟରୁ ଏକ ବାଇକ୍ ଚୋରି ହୋଇଛି। ବାଇକ୍‌ର ମାଲିକ ସଞ୍ଜୟ କୁମାର ଜୟସିଂ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ ସକାଳ ୬.୩୦ ସମୟରେ ସଞ୍ଜୟ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ସେ ବାଇକ୍ (ଓଡି-୨୪ବି-୧୩୦୯)କୁ ମନ୍ଦିର ନିକଟରେ ରଖିଥିଲେ। ଫେରିବା ବେଳକୁ ଉକ୍ତ ସ୍ଥାନରେ ତାଙ୍କର ବାଇକ୍ ନ ଥିଲା। ଏ ନେଇ ସେ ପ୍ରଥମେ ଅନ୍‌ଲାଇନରେ ଏଫଆୟାର କରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରୁଛି।

# ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ କାର୍ଯ୍ୟକାରିଣୀ ବୈଠକ

ନବରଙ୍ଗପୁର, ୧୦।୩(ସଦାଶିବ ପ୍ରହରାଜ)

ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ କାର୍ଯ୍ୟକାରୀ ବୈଠକ ନବରଙ୍ଗପୁରସ୍ଥିତ ଭତରା ଭବନ କାର୍ଯ୍ୟାଳୟରେ ସଭାପତି ଅର୍ଜ୍ଜୁନ ଭତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦକ ଟିଂବୁ ସାରକା, ନବରଙ୍ଗପୁର ଜିଲା ସଭାପତି ଗୋପିନାଥ ମାଝି, ସମ୍ପାଦକ ଲଛମନ ମାଝି, କୋରାପୁଟ ସମ୍ପାଦକ ଶିବ ମୁଦୁଲି, ମାଲକାନାଗିରି ସମ୍ପାଦକ ବନ୍ଧୁ ମୁଦୁଲି, ରାୟଗଡ଼ା ଉପସଭାପତି ବନମାଳି ମାଝି, ସଂଯୋଜିକା ଲକ୍ଷ୍ମୀ ପାସକା, ଦକ୍ଷିଣ ଓଡିଶା ସଂଯୋଜକ ରାଜମନ ଭତରା, ଉପଦେଷ୍ଟା ଶଶିଧର ମାଝି, ରାମଚନ୍ଦ୍ର ନିଶିକା, ଚନ୍ଦ୍ର ପ୍ରଭାକର ପୂଜାରୀ, ମଣିରାମ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କକରାଯାଇଥିଲା। ବୈଠକରେ ତୃଣମୂଳସ୍ତରରୁ ଆଦିବାସୀ ମହାସଂଘକୁ ସୁଦୃଢ଼ କରିବା, ଗ୍ରୁପ୍ ସି ଓ ଗ୍ରୁପ୍ ଡି ପଦବୀରେ ଜିଲା ଭିତ୍ତିକ ନିଯୁକ୍ତି, ପେସା ଆଇନ କାର୍ଯ୍ୟକାରୀ, ଜାଲ୍ ଜାତିଗତ ପ୍ରମାଣପତ୍ର ନେଇ ଚାକିରୀ ସଂକ୍ରାନ୍ତରେ ଆରଡିସି କାର୍ଯ୍ୟାଳୟରେ ଯେଉଁ ଅଭିଯୋଗ ହୋଇଛି ତାହାର ତଦନ୍ତ, ୨୦୦୨ ମସିହା ପୂର୍ବରୁ ଯେତିକି ଆଦିବାସୀ ଜମି କିଣାବିକା ହୋଇଛି ଏବଂ ଯେଉଁମାନେ ଫର୍ମ ଦାଖଲ କରିନାହାନ୍ତି ସେହି ଜମିକୁ ମୂଳ ବିକ୍ରେତାକୁ ଫେରସ୍ତ କରିବା ନେଇ ଆଲୋଚନା ହୋଇଛି। ଏହି ସମସ୍ୟା ପୂରଣ ଦିଗରେ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ୪ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ଡାବୁଗାଁ, ୧୦।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ବିଭିନ୍ନ ସ୍ଥାନରେ ୪ଟି ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅଧୀନ ପାତିଆ - ଘୁଷୁରାବେଡା ଗ୍ରାମ ମଧ୍ୟରେ ଥିବା ଅଙ୍ଗୀ ନଦୀ ଉପରେ ପୋଲ, ଡାବୁଗାଁ ପଞ୍ଚାୟତର ଡାବୁଗାଁ-ଉମୁରହାଣ୍ଡି ଗ୍ରାମ ମଧ୍ୟରେ ଥିବା ଅଙ୍ଗୀ ନଦୀ ଉପରେ ପୋଲ, ବୋରିଗାଁ ପଞ୍ଚାୟତ ଅଧୀନ ପରିଆବେଡା-ଆଟିଗାଁ ମଧ୍ୟରେ ଥିବା ଭସ୍କେଲ ନଦୀ ଉପରେ ପୋଲ, ଘୋଡାଖୁଣ୍ଟା-ଶିଂସାରି ରାସ୍ତା ମଧ୍ୟରେ ଥିବା ଗାଇଯୋଡି ନଦୀ ଉପରେ ନିର୍ମାଣ ହେବାକୁ ଥିବା ପୋଲର ଶିଳାନ୍ୟାସ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଶୋୟୀ, ପାପଡ଼ାହାଣ୍ଡି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକ, ଜିଲା ପରିଷଦ ସଭ୍ୟ ଧନସିଂ ଭତରା ଓ ଗୁପ୍ତ ବିଷୋୟୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ ବିଜେଡି ଉପଦେଷ୍ଟା ମଳୟ ବିଷୋୟୀ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ବିଧାୟକ ଡାବୁଗାଁ-ଉମୁରହାଣ୍ଡି ମଧ୍ୟରେ ଥିବା ଅଙ୍ଗୀ ନଦୀ ଉପରେ ପୋଲ ତିଆରି ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# ୪୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଭିତ୍ତିପ୍ରସ୍ତର

ଉମରକୋଟ, ୧୦।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ୪୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ମାନିତ ଅତିଥିଭାବେ ଓଡ଼ିଶା ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ପୌରାଧ୍ୟକ୍ଷା ରାଧା ଭଦ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବ୍ଲକ ଅଧ୍ୟକ୍ଷ ସୁଶିଳା ମାଝି, କାଉନସିଲର ମନୋଜ ନାୟକ, ନଗର ସଭାପତି କୈଳାସ ନାୟକ,ବାବୁଲା ସାନ୍ତ୍ରା, ସଲିମ ରାଠୋର ଉପସ୍ଥିତ ଥିଲେ। ଉମରକୋଟ ପ୍ରେସ କ୍ଲବ ସଭାଗୃହ ପାଇଁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। ଉମରକୋଟ ପ୍ରେସ କ୍ଲବ ସଭାପତି ନଳିନୀ ରଞ୍ଜନ ମିଶ୍ର ଓ ସମ୍ପାଦକ ମହେଶ୍ୱର ବେହେରା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ମାଝି ଏବଂ ଉଠା ଜଳ ସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରେସ କ୍ଲବ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଖବରଦାତା ଜିତେନ୍ଦ୍ର ମହାନ୍ତି, ଅନୁରାଗ ପଟ୍ଟନାୟକ, ସନ୍ତୋଷ ପାତ୍ର, ମୋହନ ସାହୁ, ସନ୍ତୋଷ ଶତପଥୀ, ନିରଞ୍ଜନ ବେହେରା, ଯୁଗଳ କିଶୋର ସାହୁ, ଗିରିଧର ମାଝୀ, ହିମାଂଶୁ ଜେନା, ସତ୍ୟ ନାରାୟଣ ରାଉତ, ନିରଞ୍ଜନ ଗଣ୍ଡ,ଜୁମେରା ସାନ୍ତା, ଜିତୁ ମାଳୀ,ବାଳକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପେଣ୍ଡ୍ରାଣୀ ମନ୍ଦିର, ରାମ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଝେଡେଶ୍ୱର ମନ୍ଦିର, ତ୍ରିନାଥ ମନ୍ଦିର,ବ୍ରାହ୍ମଣ ସମାଜର ଉନ୍ନତି କରଣ ପାଇଁ ୪୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ କରାଯାଇଛି। ଭିତିପ୍ରସ୍ତର ସମୟରେ ସମସ୍ତ ସଂଘର ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ କିଛି ଦିନ ପୂର୍ବରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରାଇଘର ଗସ୍ତରେ ଆସିଥିଲେ। ସେହି ସମୟରେ ଯେଉଁ ସବୁ ଅନୁଷ୍ଠାନ ବା ସଂଘ ସହାୟତା ପାଇଁ ଦରଖାସ୍ତ ଆବେଦନ କରିଥିଲେ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଛି।



ଏମପି ରମେଶ ଚନ୍ଦ୍ର ମାଝି ପ୍ରେସ କ୍ଲବ ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ସଂକ୍ଷେପରେ**

## ଡ. ଭୀମରାଓ ଆମ୍ବେଡକର ମୂଳ ଆଦିବାସୀ ଟ୍ରଷ୍ଟ ପାଳିଲା ଅନ୍ତର୍ଜାତୀୟ ମହିଳା ଦିବସ

**ଜୟପୁର, ୧୦।୩(ପବନ ପାଣିଗ୍ରାହୀ)**

ପ୍ରତିବର୍ଷ ମାର୍ଚ୍ଚ ୮ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ମହିଳା ଦିବସ। ମହିଳାମାନଙ୍କ ଆର୍ଥିକ, ରାଜନୈତିକ ଏବଂ ସାମାଜିକ ସଫଳତାକୁ ଏହିଦିନ ସ୍ମରଣ କରାଯାଇଥାଏ। ଅନେକ ଦେଶରେ ଏହି ଦିନଟିକୁ ଛୁଟି ଘୋଷଣା କରାଯାଇଥାଏ। ମହିଳାମାନେ ଏହି ଦିନ ସ୍କୁଲ, କଲେଜ, ଅଫିସରେ କାମ କରନ୍ତି ନାହିଁ। ଆମେରିକାରେ ସୋସିଆଲିଷ୍ଟ ପାର୍ଟିର ଆହ୍ୱାନରେ ଏହି ଦିବସ ପ୍ରଥମେ ୨୮।୨।୧୯୦୯ରେ ପାଳିତ ହୋଇଥିଲା। ୧୯୧୦ ଅଗଷ୍ଟରେ ପ୍ରଥମ ବିଶ୍ୱ ମହିଳା ସମାବେଶ ଆୟୋଜନ ହୋଇଥିଲା। ପାଶ୍ଚାତ୍ୟ ଦେଶମାନଙ୍କରେ ବିଶ୍ୱ ମହିଳା ଦିବସ ୧୯୭୭ ପରେ ଅଧିକ ଲୋକପ୍ରିୟ ହୋଇଥିଲା। ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଏକ ଥିମ୍‌କୁ ନେଇ ଏହି ଦିବସ ପାଳନ କରାଯାଏ। ରବିବାର କୋରାପୁଟ ଜିଲା ଜୟପୁରଠାରେ ଡ. ଭୀମରାଓ ଆମ୍ବେଡକର ମୂଳ ଆଦିବାସୀ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଥିବା ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ରଶ୍ମିତା ଟେଟେ, ଆଇନଜୀବୀ ଗାୟତ୍ରୀ ଦେବୀ ଉପସ୍ଥିତ ଥିଲେ। ଏହି ଅବସରରେ ରଜାନଗରଠାରୁ ଏକ ଶୋଭାଯାତ୍ରାରେ ମହିଳାମାନେ ସହର ପରିକ୍ରମା କରିଥିବା ମୁଖ୍ୟ ପରାମର୍ଶଦାତା ପ୍ରବୀର ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ରାଜ୍ୟ ସଭାନେତ୍ରୀ ମନସ୍ୱିନୀ ଟାକ୍ରି, ରାଜ୍ୟ ଉପସଭାପତି ଏଲିଶା ସିଲେସ୍ ମାସ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଗାଜୁଲା ସ୍ନେହା, କୋରାପୁଟ ଜିଲା ସଭାପତି ଅନାରକେଲି କୁଲଦୀପ, ରାଜ୍ୟ ମୁଖ୍ୟ ପରାମର୍ଶଦାତା ଜି. ମହେଶଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ଅଗ୍ରଗାମୀ ମହିଳା ସମିତିର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

**ବୈପାରିଗୁଡା, ୧୦।୩ (କଳ୍ପତରୁ ମହାନ୍ତି)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ କାର୍ଯ୍ୟ କରୁଥିବା ସର୍ବଭାରତୀୟ ମହିଳା ସଙ୍ଗଠନ 'ଅଲ୍ ଇଣ୍ଡିଆ ଅଗ୍ରଗାମୀ ମହିଳା ସମିତି'ର ତୃତୀୟ ରାଜ୍ୟ ସମ୍ମିଳନୀ ବୈପାରିଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା ନେତ୍ରୀ ବିଦ୍ୟୁତ୍‌ପ୍ରଭା ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଏହି ସମ୍ମିଳନୀରେ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଜାତୀୟ ସମ୍ପାଦିକା ପୂର୍ଣ୍ଣିମା ବିଶ୍ୱାସ, ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, କୋରାପୁଟ ଜିଲା ସମ୍ପାଦକ ସମୁ ପ୍ରସାଦ ମହାନ୍ତି, ନବରଙ୍ଗପୁର ଜିଲା ସମ୍ପାଦକ ସୁଶାନ୍ତ ସୁନା, ସାଧାରଣ ସମ୍ପାଦିକା ଲକ୍ଷ୍ମୀ ଦୋରା, ଆଜାଦ୍ ହିନ୍ଦ୍ ବାହିନୀର ରାଜ୍ୟ ସମ୍ପାଦିକା ସୁବ୍ରତି ଦଳେଇ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିର ସମାଲୋଚନା କରିଥିଲେ। ସଂସଦରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ପାସ୍ ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ । ମହିଳାମାନଙ୍କ ପାଇଁ ଆବଶ୍ୟକ ଥିବା ସର୍ବନିମ୍ନ ସୁବିଧା ପହଞ୍ଚି ପାରୁନାହିଁ ବୋଲି ବକ୍ତାମାନେ କହିଥିଲେ। ଏହି ସମ୍ମିଳନୀରେ ୧୫ ଜଣିଆ ରାଜ୍ୟ କାର୍ଯ୍ୟକାରୀ କମିଟି ଏବଂ ୭ ଜଣିଆ ରାଜ୍ୟ ସମ୍ପାଦକ ମଣ୍ଡଳୀ ନିର୍ବାଚିତ ହୋଇଥିଲେ। ରାଜ୍ୟ କମିଟିର ସଭାନେତ୍ରୀ ରୂପେ କମଳା ସାହୁ ଏବଂ ସାଧାରଣ ସମ୍ପାଦିକା ରୂପେ ଲକ୍ଷ୍ମୀ ଦୋରା ସର୍ବ ସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ।

## ୨ ପୁସ୍ତକ ଲୋକାର୍ପଣ

**ଜୟପୁର, ୧୦।୩(ପବନ ପାଣିଗ୍ରାହୀ)**

ଜାନକୀ ପାଣିଗ୍ରାହୀଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଛି। ସେଥିରେ ଗୋଟିଏ ଗଳ୍ପ ସଙ୍କଳନ 'ପ୍ରତୀକ୍ଷା' ଏବଂ ଅନ୍ୟଟି କବିତା ସଙ୍କଳନ 'ସୁମନ' ରହିଛି। ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କବିତା ମଞ୍ଜରୀ ପଲେଇ ଅତିଥି ପରିଚୟ ଦେଇଥିଲେ। ଛାତ୍ର ଆଦର୍ଶ ଅଭିଳାଷ ପଲେଇ, ପ୍ରିୟଦର୍ଶିନୀ ମହାପାତ୍ର ଏବଂ ଜୟଶ୍ରୀ ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜାନକୀ ପାଣିଗ୍ରାହୀ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଥମ ଅଧିବେଶନରେ ଶ୍ରୀନାଥ ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ନଳିନୀ ରଞ୍ଜନ ମିଶ୍ର, ଚନ୍ଦ୍ରକାନ୍ତ ବିଶ୍ୱାଳ, ଉଦୟଶଙ୍କର ଜାନି, ପ୍ରକାଶ ଦାଶ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ହରିହର କରସୁଧା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈରାଗୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ହରିହର କରସୁଧା ପଟ୍ଟନାୟକ। ଅତିଥି ପରିଚୟ ଦେଇଥିଲେ ଜାହ୍ନବୀ ପଣ୍ଡା। ସମ୍ମାନିତ ଅତିଥି ଭାବେ ଥିଲେ ଡ.ସୁରେଶ ଦାଶ, ଡ. ମନୋରଞ୍ଜନ ପ୍ରଧାନ। କାର୍ଯ୍ୟକ୍ରମକୁ ଅଶୋକ ପଲେଇ ପରିଚାଳନା କରିଥିଲେ।

# ସ୍ମାର୍ଟ କ୍ଲାସ୍ ନାହିଁ: ନିଟ୍, ଓଜେଇରୁ ବଞ୍ଚିତ ଛାତ୍ରୀଛାତ୍ର

**ସୁନାବେଡା/ସେମିଳିଗୁଡା, ୧୦।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)**




ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ସରକାର ୫-ଟି ମାଧମରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର କେତେକ କଲେଜର ଭିତ୍ତିଭୂମି ଥାଇ ସୁଦ୍ଧା ଛାତ୍ରୀଛାତ୍ରମାନେ ଉନ୍ନତ ଶିକ୍ଷା ପ୍ରଣାଳୀରୁ ଲାଭ ପାଇପାରୁନାହାନ୍ତି। ଏପରି ଅଭିଯୋଗ ଆଣିଛନ୍ତି ସେମିଳିଗୁଡା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧାପିକା ଅଧାପକମାନେ। ସେମାନଙ୍କ କହିବା ମୁତାବକ ସରକାର ଯୁକ୍ତ୨ ବିଜ୍ଞାନ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଗତ ଜାନୁୟାରୀ ୮ରେ ମାଗଣା ଓଜେଇ ଓ ନିଟ୍ ଅନ୍ ଲାଇନ୍ କୋଚିଂ ପାଇଁ ଘୋଷଣା କରିଥିଲେ। ଫଳରେ ଏଥିରୁ ପ୍ରତ୍ୟହ ଦୁଇଟି ପର୍ଯ୍ୟାୟରେ ଛାତ୍ରୀଛାତ୍ର ଉପକୃତ ହୋଇପାରିଥାନ୍ତେ। ମାତ୍ର ମହାବିଦ୍ୟାଳୟଗୁଡିକରେ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଛାତ୍ରୀଛାତ୍ରମାନେ ଏହି ସୁଯୋଗର ସଦବ୍ୟବହାରରୁ ବଞ୍ଚିତ ହେଲେ। ସେମିଳିଗୁଡା ମହାବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ନ ଥିବାରୁ ଛାତ୍ରୀଛାତ୍ର ନିଟ୍ ଏବଂ ଓଜେଇ ପଢି ପାରୁନାହାନ୍ତି। ଏହାବ୍ୟତୀତ ମହାବିଦ୍ୟାଳୟରେ ଆହୁରି ଅନେକ ସମସ୍ୟା ରହିଛି। ପିଲାଙ୍କ ଖେଳକୁଦ ପାଇଁ ଖେଳ ପଡିଆ, ଇ-ଲାଇବ୍ରେରୀ, ଅଡିଟୋରିୟମ୍, ହଷ୍ଟେଲ ବ୍ୟବସ୍ଥା, କନଫରେନ୍ସ ହଲ୍ ଆଦି ନାହିଁ। ଏନେଇ ବିଭିନ୍ନ ସମୟରେ ଦାବି କରାଯାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ସୂଚନାଯୋଗ୍ୟ ଏହି କଲେଜରେ ପଟାଙ୍ଗି, ନନ୍ଦପୁର, ଦାମନଯୋଡି, ସେମିଳିଗୁଡା, ସୁନାବେଡା ଅଞ୍ଚଳର ପ୍ରାୟ ୨୫ ଶହରୁ ଅଧିକ ଛାତ୍ରୀଛାତ୍ର ପାଠ ପଢନ୍ତି। ଯୁକ୍ତ୨ ବିଜ୍ଞାନରେ ପ୍ରାୟ ଦେଢ଼ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧକ୍ଷ ଡ. ରମା ରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଆମର ଯଥେଷ୍ଟ କ୍ଲାସ ରୁମ ରହିଛି। କିନ୍ତୁ ସ୍ମାର୍ଟ କ୍ଲାସ ନାହିଁ। ଏଥିଯୋଗୁ ବିଜ୍ଞାନ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ କୋଚିଂରୁ ବଞ୍ଚିତ ହେଉଛନ୍ତି। ଏସମ୍ପର୍କରେ ପୂର୍ବତନ ଜିଲାପାଳ ଅବଦଲ୍ ଏମ୍ ଅଖତର୍ ବର୍ତ୍ତମାନର ଜିଲାପାଳ ଭି.କିର୍ତ୍ତୀ ଭାସନ, ୫-ଟି ଅଧକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପାଣ୍ଠି ସଂଗ୍ରହ କରି ଉନ୍ନୟନମୂଳକ କାର୍ଯ୍ୟ କରାଯିବାକୁ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ ଭି.କିର୍ତ୍ତୀ ଭାସନ କହିଛନ୍ତି।

# ଭାରତ ଯୋଡ଼ୋ ଯାତ୍ରା କଂଗ୍ରେସର ଭରସା

**ସୁନାବେଡ଼ା/ସେମିଳିଗୁଡ଼ା, ୧୦।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

ନିର୍ବାଚନକୁ ନେଇ ଏବେଠାରୁ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳ ମଧ୍ୟରେ ଆରମ୍ଭ ହେଲାଣି ଅଙ୍କକଷା । ଏଥର ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ସମ୍ଭାବନା ଥିବାରୁ ସ୍ୱାଧୀନ ପ୍ରାର୍ଥୀ ବେଶ୍ ଆଶାବାଦୀ ହେଲେଣି। ଗତ ନିର୍ବାଚନରେ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ପିତମ ପାଢ଼ୀ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ତାଙ୍କ ନିକଟତମ କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡ଼ାମଙ୍କୁ ୪୨୫୫ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଥିଲେ। ତେବେ ଦିନେ କଂଗ୍ରେସର ଗଡ଼ ଥିବା ଏହି ନିର୍ବାଚନମଣ୍ଡଳୀକୁ ୨୦୦୯ରେ ବିଜେଡି ନେଇଥିବା ବେଳେ ଆଗାମୀ ନିର୍ବାଚନ ପାଇଁ ବିପକ୍ଷ ଦଳଗୁଡ଼ିକ ମଧ ନିଜର ଆଧିପତ୍ୟ ବିସ୍ତାର ପାଇଁ ଅଣ୍ଟା ଭିଡୁଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନାକୁ ଅସ୍ତ୍ର କରିବାକୁ ଆଶାୟୀ ଥିବା ଭାଜପା ଗତ ନିର୍ବାଚନ ବେଳେ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରୁ ୨୫,୯୫୬ ଭୋଟ ପାଇଥିଲା। ନିର୍ବାଚନକୁ ନେଇ ଭାଜପା ପ୍ରାର୍ଥୀ ରାମଚନ୍ଦ୍ର ପାଙ୍ଗୀ, କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡାମ ମଧ ପଛରେ ନାହାନ୍ତି। ଗତ ନିର୍ବାଚନରେ ୪୬,୯୮୯ ଭୋଟ ପାଇ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିବା କଂଗ୍ରେସ ଏଥର ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାକୁ ଆଶ୍ରା କରିଛି। ୨୦୧୯ ନିର୍ବାଚନରେ ୪୧୫୩ ଖଣ୍ଡ ଭୋଟ ପାଇଥିବା ବିଏସ୍‌ପି ପ୍ରାର୍ଥୀ ମୁରଲୀଧର ଗୁଣ୍ଠା, ସ୍ୱାଧୀନ ପ୍ରାର୍ଥୀ ନନ୍ଦିବାଲି ଚୈତନ୍ୟ ୮୨୩୮ ଖଣ୍ଡ ଭୋଟ ପାଇଥିଲେ। କୃଷ୍ଣଚନ୍ଦ୍ର ଜାନି ୩୫୧୭ ଭୋଟ ପାଇଥିଲେ।

# ସମ୍ପତ୍ତି ବାଜ୍ୟାପ୍ତ ନେଇ ଅଭିଯୁକ୍ତଙ୍କ ଘରେ ନୋଟିସ ମାରିଲା ପୋଲିସ

**ବାଲିମେଳା, ୧୦।୩(ଶିବଦତ୍ତ ସାହୁ)**

**ଗଞ୍ଜେଇ ଚୋରା ଚାଲାଣ ମାମଲା**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବରୁ ପଞ୍ଚାୟତ ସଦର ଗ୍ରାମରେ ରବିବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗ୍ରାମର କୁଲୁ ଦେଓଙ୍କ ପୁଅ ଜଗନ୍ନାଥ (୫୦)ଙ୍କ ଘରେ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ତାଙ୍କ ସମ୍ପତ୍ତି ବାଜ୍ୟାପ୍ତି ନେଇ ନୋଟିସ୍ ମାରିଛି। ଏହି ସମୟରେ ସେଠାରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଜଗନ୍ନାଥଙ୍କ ସମ୍ପତ୍ତି ନେଇ କୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ଏହି ପଦକ୍ଷେପ ନେଇଛି। ତେବେ ଓର୍କେଲ ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଗନ୍ନାଥ ଗଞ୍ଜେଇ ଚୋରା ଚାଲାଣ ବେଳେ ଗତ ୨୦।୬।୨୦୧୮ରେ ଧରାପଡିଥିଲେ। ଏନେଇ ୧୩/୧୮ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜଗନ୍ନାଥ ଜାମିନରେ ଆସିବା ପରେ କୋର୍ଟରେ ଆଉ ହାଜର ହୋଇ ନ ଥିଲେ। ତାଙ୍କୁ ବାରମ୍ବାର ନୋଟିସ କରାଯାଇଥିଲେ ସୁଦ୍ଧା ସେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଶେଷରେ ତାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇ ତାଙ୍କୁ ପଳାତକ ଭାବେ ଘୋଷଣା କରାଯାଇଥିଲା। ଯଦି ସେ ଶୀଘ୍ର କୋର୍ଟରେ ହାଜର ନ ହେବେ ତେବେ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରି ବାଜ୍ୟାପ୍ତି କରାଯିବାକୁ ତାଙ୍କ ଘରେ ଲଗାଯାଇଥିବା ନୋଟିସରେ କୁହାଯାଇଛି ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।


ନୋଟିସ

ପ୍ରାପ୍ତେଷୁ

ଶ୍ରୀ ଜଗନ୍ନାଥ ଦେଓ, ପିତା ସ୍ୱର୍ଗତ କୁଲୁ ଦେଓ
ଗ୍ରାମ ନୀଳକାମ୍ବେରୁ, ଥାନା ଓର୍କେଲ
ଜିଲ୍ଲା ମାଲକାନଗିରି

ପ୍ରେରକ- ଥାନା ଭାରପ୍ରାପ୍ତ ଅଧିକାରୀ, ଓର୍କେଲ ଥାନା, ଜିଲ୍ଲା ମାଲକାନଗିରି

ଏତଦ୍ ଦ୍ୱାରା ଆପଣଙ୍କୁ ଜଣାଇଦିଆ ଯାଉଅଛି ଯେ ଆପଣଙ୍କ ର ନାମରେ ମାନ୍ୟବର ଅଦାଲତ ଙ୍କ ଦ୍ୱାରା N.B.W ଜାରି କରାଯାଇଛି ଓ ଆପଣଙ୍କ ବର୍ତ୍ତମାନ ଯାଏଁ ଥାନା କିମ୍ବା ମାନ୍ୟବର ଅଦାଲତ ରେ ଆତ୍ମ ସମର୍ପଣ କରିନାହାନ୍ତି । ଯଥା ଶୀଘ୍ର ଓର୍କେଲ ଥାନା ରେ କିମ୍ବା ମାନ୍ୟବର ଅଦାଲତ ଙ୍କ ନିକଟରେ ଆତ୍ମ ସମର୍ପଣ କରନ୍ତୁ ନ ହେଲେ ଖୁବ ଶୀଘ୍ର ଆପଣଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯିବ ।

ଥାନା ଭାରପ୍ରାପ୍ତ ଅଧିକାରୀ
Inspector in Charge

ଜଗନ୍ନାଥଙ୍କ ଘର କାନ୍ଥରେ ମରାଯାଇଥିବା ନୋଟିସ୍।

# ମାଓବାଦୀଙ୍କ ସ୍ତୂପକୁ ଧ୍ୱଂସ କଲେ ବସ୍ତର ଫାଇଟରର ମହିଳା କମାଣ୍ଡୋ

**ମାଲକାନଗିରି, ୧୦।୩(ଦୁର୍ଯ୍ୟୋଧନ ପାତ୍ର)**


ବସ୍ତର ଫାଇଟରର ମହିଳା କମାଣ୍ଡୋମାନେ ମାଓବାଦୀଙ୍କ ସ୍ତୂପକୁ ଧ୍ୱଂସ କରୁଛନ୍ତି।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡାରେ ଏକ ମାଓବାଦୀ ସ୍ତୂପକୁ ମହିଳା ଯବାନମାନେ ଧ୍ୱଂସ କରି ଦେଇଛନ୍ତି। ଛତିଶଗଡ଼ ଦନ୍ତେୱାଡାରେ ବସ୍ତର ଫାଇଟରର ମହିଳା କମାଣ୍ଡୋମାନେ ବେଚାପାଲ୍ ଅଞ୍ଚଳରେ ତଲାସି ଅଭିଯାନ ବେଳେ ଘଞ୍ଚ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଏକ ବିଶାଳ ସ୍ତୂପ ଠାବ କରିଥିଲେ। ଏହି ସ୍ତୂପକୁ ମାଓବାଦୀମାନେ ତିଆରି କରିଥିଲେ। ସେମାନେ ଅନେକ ସମୟରେ ଏହି ସ୍ତୂପ ନିକଟରେ ମେଳି ଓ ପ୍ରଜାକୋର୍ଟ କରି ନିଜର ସ୍ଥିତି ଜାହିର କରୁଥିବାରୁ ମହିଳା ଯବାନ ମାନେ ଏହାକୁ ଭାଙ୍ଗି ଧ୍ୱଂସ କରି ଦେଇଥିଲେ। ମହିଳା ଯବାନମାନଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ତେବେ ମାଓବାଦୀଙ୍କ ଏହି ସ୍ତୂପକୁ ଧ୍ୱଂସ ପରେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ଜୋରଦାର କରାଯାଇଛି।

## କଂଗ୍ରେସର ଜନ ଜାଗରଣ ସମାବେଶ

**ମାଲକାନଗିରି, ୧୦।୩(ଦୁର୍ଯ୍ୟୋଧନ ପାତ୍ର)**

ଖଇରପୁଟ ବ୍ଲକ କଂଗ୍ରେସ ପକ୍ଷରୁ ବଡଡୁରାଲ ପଞ୍ଚାୟତରେ ଏକ ଜନଜାଗରଣ ସମାବେଶ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ପଦ୍ମା ଶିଶା, ମାଡକାପଦର ପୂର୍ବତନ ସରପଞ୍ଚ ଧବଳୁ ମୁଦୁଲି, ଅଙ୍ଗେଲ ୱାର୍ଡମେମ୍ବର ରବି ହନ୍ତାଳ, ପୋଡାପୋଡି ୱାର୍ଡମେମ୍ବର ଧନୁର୍ଜୟ ଚାଲାଣ, ଦଳପତିଗୁଡା ୱାର୍ଡମେମ୍ବର ଦଶରଥ ଶିଶା, ଗାଦବାପଡା ୱାର୍ଡମେମ୍ବର ଧନି କିର୍ସାନୀ, ନାଏବ ସରପଞ୍ଚ ମଙ୍ଗଳା ମୁଦୁଲି, ପୂର୍ବତନ ୱାର୍ଡମେମ୍ବର ସନିଆ ମାଝୀଙ୍କ ସହ ଶତାଧିକ କଂଗ୍ରେସରେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ଭୁଜବଳ ମାଝୀ, ଖଇରପୁଟ ବ୍ଲକ ସଭାପତି ବୁଦୁରା ଧାଙ୍ଗଡାମାଝୀ, ଜିଲା କଂଗ୍ରେସର ଗଣମାଧ୍ୟମ ବିଭାଗ ଅଧକ୍ଷ ଇସାକ ଖୋସଲା, ଜିଲା କଂଗ୍ରେସ ଉପସଭାପତି ଭିମା ବାର୍ସେ, କୋରୁକୋଣ୍ଡା ଜିଲା ପରିଷଦ ସଭ୍ୟ ମଙ୍ଗୁ ଖିଲ, ଜିଲା ଯୁବ କଂଗ୍ରେସ ସଭାପତି ମନୋଜ ନାୟକ, ଚିତ୍ରକୋଣ୍ଡା ଜିଲା ପରିଷଦ ସଭ୍ୟା ବିନନ୍ତି ଖିଲ, ଶରତ ଚନ୍ଦ୍ର ବୁରୁଦା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ନିର୍ବାଚନ ପ୍ରଶିକ୍ଷଣ ଶିବିର

**ମାଲକାନଗିରି, ୧୦।୩(ଦୁର୍ଯ୍ୟୋଧନ ପାତ୍ର)**

ଆଗାମୀ ନିର୍ବାଚନ ୨୦୨୪କୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଏଇଓ ଭିଡିଏ ସର୍ଭିଲାନ୍ସ ଟିମ୍, ଏକାଉଣ୍ଟିଂ ଟିମ୍, ଫ୍ଲାଇଂ ସ୍କ୍ୱାଡ୍‌ର ପ୍ରଶିକ୍ଷଣ ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅଧକ୍ଷତାରେ ହୋଇଥିବା ଏହି ଶିବିରରେ ଭାରତର ନିର୍ବାଚନ କମିଶନରଙ୍କ ଜାରି ମାର୍ଗଦର୍ଶିକା ଉପରେ ଆଲୋଚନା ହୋଇଥିଲା। ସ୍ୱଚ୍ଛତା ଓ ସଫଳତାର ସହିତ ଆଗାମୀ ନିର୍ବାଚନକୁ ପରିଚାଳନା କରିବାକୁ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୁଥରେ ପାନୀୟ ଜଳ, ରାମ୍ପ, ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସେକ୍ଟର ଅଫିସର ଓ ସେକ୍ଟର ପୋଲିସ୍ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ମତଦାନ ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବୁଥ ଚିହ୍ନିଟିକରଣ, ମତଦାନ କେନ୍ଦ୍ର ଅନୁଧ୍ୟାନ, କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ବ୍ୟବସ୍ଥା, ରାମ୍ପ ଓ ଶୌଚାଳୟ ବ୍ୟବସ୍ଥା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମାର୍ଚ୍ଚ ୧୪ରୁ ୭ଟି ବ୍ଲକରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଆରମ୍ଭ ହେବ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଓ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ।

# ଆଗାମୀ ନିର୍ବାଚନକୁ ନେଇ ବୈଠକ


ନିର୍ବାଚନକୁ ନେଇ ବସିଥିବା ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଜୟପୁର, ୧୦।୩(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁରରେ ରବିବାର ଆସନ୍ତା ନିର୍ବାଚନକୁ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଡିଓ ଶକ୍ତି ମହାପାତ୍ର, ସୁପରଭାଇଜର ଓ ବିଏଲ୍‌ଓମାନେ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଭୋଟ ମତଦାନ କେନ୍ଦ୍ର ଗୁଡିକରେ ମହିଳା, ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମଙ୍କ ପାଇଁ କ'ଣ ସବୁ ସୁବିଧା ରହିବ ସେ ନେଇ ଆଲୋଚନା ହୋଇଥିଲା। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରଗୁଡିକରେ ପିଇବା ପାଣି ବ୍ୟବସ୍ଥା ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ଜୟପୁର, ୧୦।୩ (ପବନ ପାଣିଗ୍ରାହୀ)**


ଅଭିଯୁକ୍ତଙ୍କଠାରୁ ଜବତ ମାରଣାସ୍ତ୍ର, ବନ୍ଧୁକ ଓ ମୋବାଇଲ।

ଡକାୟତି ଯୋଜନା କରୁଥିବା ୪ ଜଣଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସିଆଡିମାଳ ଗ୍ରାମର ଶିଭ ମୁଦୁଲି (୨୪), ସୁନୀଲ ହରିଜନ (୩୦), କୈଳାସ ଦଣ୍ଡସେନା(୧୯), ନନ୍ଦଗୁଡ଼ାର ସନ୍ତୋଷ ବାଘ (୧୯)। ଅଭିଯୁକ୍ତମାନଙ୍କ ସହ ସମ୍ପୃକ୍ତ ଜଣେ କୁନ୍ଦୁରା ଥାନା ଅଞ୍ଚଳର ବାବୁ ଓରଫ ବିନୋଦ ବାରିକ ଫେରାର ଅଛନ୍ତି। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନେ ଜୟପୁର ସଦର ଥାନା ଅଧୀନ ଗାଗନାପୁର ଶିବ ମନ୍ଦିର ପଛପଟେ ଏକ ଡକାୟତି କରିବା ପାଇ ଯୋଜନା କରୁଥିଲେ। ଏ ସମ୍ପର୍କରେ ଜାଣି ଜୟପୁର ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଧରିଥିଲା। ସେମାନଙ୍କଠାରୁ ପିସ୍ତଲ, ଲୁହା ରଡ୍, ଛୁରି, ୫ଟି କଳା ମାସ୍କ, ୪ଟି ମୋବାଇଲ, ୨ଟି ବାଇକ, ଗୋଟିଏ କାର ଜବତ କରାଯାଇଛି। ଗିରଫ ୪ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସହ ଫେରାର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ୧୬ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ନାହିଁ ପକ୍କାରାସ୍ତା

**ଦଶମନ୍ତପୁର, ୧୦।୩ (ଅରବିନ୍ଦ ନାୟକ)**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ସ୍ୱାଧୀନତାର ୭ ଦଶନ୍ଧି ବିତିଥିଲେ ସୁଦ୍ଧା ଦୁର୍ଗମ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ପକ୍କା ରାସ୍ତା ନାହିଁ। ଏଭଳି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ। ଦଶମନ୍ତପୁର ବ୍ଲକରେ ୧୬ଟି ଗ୍ରାମପଞ୍ଚାୟତ ରହିଛି। ସେଥିରୁ ୧୭୮ ଖଣ୍ଡ ରାଜସ୍ୱ ଗ୍ରାମ ରହିଛି। ୧୯୭ଟି ହାମ୍‌ଲେଟ୍ ଗ୍ରାମ ଅଛି।। ସବୁ ଗ୍ରାମର ଜନସଂଖ୍ୟା ବହୁ ଅଧିକ ରହିଛି। ଦୀର୍ଘବର୍ଷ ଧରି ସରକାର ପରେ ସରକାର ବଦଳୁଥିଲେ ମଧ ଏହି ଗ୍ରାମଗୁଡିକର ଉନ୍ନତି ହେଉନାହିଁ। ଲୋକମାନେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସୁଥିବା ଦେଖିବାକୁ ମିଳୁଛି। ଗ୍ରାମକୁ ପକ୍କାରାସ୍ତାଟିଏ ପାଇଁ ବହୁବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭକରି ବ୍ଲକ ଓ ଜିଲା ପ୍ରଶାସନକୁ ଅଞ୍ଚଳବାସୀ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ବ୍ଲକର ପକ୍କାରାସ୍ତା ନ ଥିବା ଗ୍ରାମଗୁଡ଼ିକ ହେଲା ଚିକାମ୍ବ ପଞ୍ଚାୟତର ତୁନ ଖାଲ, ଝୁଲାଗୁଡ଼ା, ଗଜିଆଗୁଡ଼ା, ବାରିଗୁଡ଼ା, ଡୁମ୍ବାଗୁଡ଼ା ପଞ୍ଚାୟତର ବେଲଗଛ, ଗିର୍ଲିଗୁମା ପଞ୍ଚାୟତର ଗଦଲିଗୁମ୍ମା, ଆମ୍ବପଦର, ଗଡ୍ରି, ଅଲଚି, ତାଲଗୁଡ, ଦୁଆରଶୁଣୀ ପଞ୍ଚାୟତର ଆମ୍ବଗୁଡା, ହଳଦିସିଲ୍, ଦଶମନ୍ତପୁର ପଞ୍ଚାୟତର ଦଣ୍ଡାବାଡ, ଛେଣ୍ଡି ଜାନିଗୁଡ଼ା, ମୁର୍କାର ପଞ୍ଚାୟତର ସେମିଳିଗୁଡା, ନରସିଂହଗୁଡା, ଝଲାଗୁଡା, ଚଣାବାଡ ପଞ୍ଚାୟତର ଗୌଡ ରାମଜୀ, କତ୍ରା ଆମ୍ବ, ପରଜାବେଢ଼ା ପଦର ପଞ୍ଚାୟତର ଡାଲିଗୁଡା, ବଞ୍ଜାଗୁଡା, କେନ୍ଦୁଗୁଡା, ପିଣ୍ଡାପଦର ପଞ୍ଚାୟତର ଲରେଣ, ଦେଓ ଖଡକ, ଲୁଲା ପଞ୍ଚାୟତର ପଦୁଗୁଡା, ତବଜାଗୁଡା, ମିଟ କର୍ଲି, ତେନ୍ତୁଳିଗୁଡା, କୁଦାଲଅଟାଲ, ତେନ୍ତୁଳିଗୁଡା, ନନ୍ଦି ଗାଁ ପଞ୍ଚାୟତର, ବାଗ୍ରି ବେଢ଼ା, ଭେଜିପୁଟ, ସର୍ଗିଗୁଡା, ତଟାଗୁଡା, ଏ. ମାଲକାନଗିରି ପଞ୍ଚାୟତର ରାଉତପୁଟ, କେ.ଚଣ୍ଡାଲଗୁଡ଼ା, ଗାଦିଆଗୁଡ଼ା ପଞ୍ଚାୟତର ପୋଞ୍ଚଡାପଦର, ବାରିଗୁଡ଼ା, ଟାମକସିଲ୍, ପରଜାଗଦ୍ରି, ମୁଜାଙ୍ଗ ପଞ୍ଚାୟତର ଦଡୁଗୁଡା, ବାଲିଗୁଡା, ପାଇକ ଫୁଲବେଢ଼ା ପଞ୍ଚାୟତର ତେନ୍ତୁଳିଗୁଡା, କୁମୁଣ୍ଡାଗୁଡା, ଚାକିଲି, ସଲପଗୁଡା ଆଦି ଗ୍ରାମ ରହିଛି। ଏହି ଗ୍ରାମଗୁଡିକୁ ଏଯାଏ ପକ୍କାରାସ୍ତାଟିଏ ହୋଇପାରିନାହିଁ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କହିଲେ, ପ୍ରତ୍ୟେକ ପଞ୍ଚାୟତର ସବୁ ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ ସରିଛି। ଟଙ୍କା ମଞ୍ଜୁର ହେଲେ ପକ୍କାରାସ୍ତା ନିର୍ମାଣ କରାଯିବ।

# ମହିଳା କଂଗ୍ରେସ ପାଳିଲା ଅନ୍ତର୍ଜାତୀୟ ମହିଳା ଦିବସ


କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

**ଜୟପୁର, ୧୦।୩(ପବନ ପାଣିଗ୍ରାହୀ)**

ଜୟପୁର ଟାଉନ ହଲଠାରେ ରବିବାର ମହିଳା କଂଗ୍ରେସ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି କଂଗ୍ରେସ ଜିଲା ସଭାନେତ୍ରୀ ନଳିନୀ ରଥ, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ବିନୋଦ ମହାପାତ୍ର, ଦେବେନ୍ଦ୍ର ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

# ମୃତଦେହ ବ୍ୟବଚ୍ଛେଦ ପରେ ମେଡିକାଲ୍‌ରେ ଛାଡି ଚାଲିଗଲେ ପରିବାର ଲୋକେ

**ବୈପାରିଗୁଡା, ୧୦।୩ (କଳ୍ପତରୁ ମହାନ୍ତି)**

ଏକ ହତ୍ୟା ମାମଲାରେ ମୃତଦେହକୁ ନେବାକୁ ପରିବାର ଲୋକେ ମନା କରି ମେଡିକାଲରେ ମୃତଦେହ ଛାଡି ଚାଲିଯାଇଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଶନିବାର ବୈପାରିଗୁଡା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତ ମୁର୍ଜାକୁଆଁ ଗ୍ରାମର ଜିତେନ୍ଦ୍ର ବାରିକଙ୍କ ଜଣେ ସମ୍ପର୍କୀୟ ଝିଆରୀ ଭଗବତୀ ଦୁରୁଆ(୨୦)ଙ୍କୁ ହତ୍ୟା କରାଯାଇଥିବା ବୈପାରିଗୁଡା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଜିତେନ୍ଦ୍ରଙ୍କ ଘର ନିକଟସ୍ଥ ଟେନ୍ଦାପଡା ଗ୍ରାମରେ। ସେ ପୂର୍ବରୁ ବିବାହିତ ଥିଲେ ମଧ ଉଭୟେ ଭଗବତୀ ଓ ଜିତେନ୍ଦ୍ର ଲଭ୍ ଇନ୍ ରିଲେସନ୍‌ରେ ରହୁଥିଲେ। ଭଗବତୀ ଅଭିଯୁକ୍ତ ଜିତେନ୍ଦ୍ରଙ୍କ ଘରେ ରହୁଥିଲେ। ତେବେ ଜାଗର ଅମାବାସ୍ୟା ଦିନ ଉଭୟେ ଗୁପ୍ତେଶ୍ୱର ପୀଠକୁ ଯାଇ ବୁଲାବୁଲି କରି ରାତିରେ ଘରକୁ ଫେରିଥିଲେ। ଶନିବାର ସକାଳେ ଜିତେନ୍ଦ୍ରଙ୍କ କୁକୁଡା ଫାର୍ମ ଘରେ ଭଗବତୀଙ୍କ ମୃତଦେହ ଝୁଲନ୍ତାରେ ଅବସ୍ଥାରେ ଦେଖିବାକୁ ମିଳିଥିଲା। ବିଳମ୍ବରେ ଖବର ପାଇବାରୁ ପୋଲିସ୍ ରବିବାର ମୃତଦେହ ବ୍ୟବଚ୍ଛେଦ କରାଇ ଜିତେନ୍ଦ୍ରଙ୍କୁ ଗିରଫ କରିଛି। କେସ୍ ନଂ. ୭୩/୨୪।

# ନିମ୍ନମାନର ରାସ୍ତା କାମ ବନ୍ଦ ଦାବିରେ ଇଓ, ଏଇଙ୍କୁ ଘେରିଲେ ଲୋକେ

**ମାଲକାନଗିରି, ୧୦।୩(ଦୁର୍ଯ୍ୟୋଧନ ପାତ୍ର)**


କଲୋନୀବାସିନ୍ଦା ଇଓଙ୍କ ସହ ଆଲୋଚନା କରୁଛନ୍ତି।

ମାଲକାନଗିରି ମ୍ୟୁନିସିପାଲଟିରେ ରାସ୍ତାଘାଟର ଉନ୍ନତିକରଣ ପାଇଁ ବହୁ ଅର୍ଥବ୍ୟୟ ହେଉଛି। ମାତ୍ର ମ୍ୟୁନିସିପାଲିଟି ଅଞ୍ଚଳରେ କରାଯାଉଥିବା କାମ ନିମ୍ନମାନର ଯୋଗୁ ଲୋକେ ଏଥିରୁ ଉପକୃତ ହୋଇପାରୁନାହାନ୍ତି। ରବିବାର ଏପରି ଅଭିଯୋଗ ଆଣି ମାଲକାନଗିରି ମ୍ୟୁନିସିପାଲିଟି ଅଞ୍ଚଳର ମହେଶ୍ୱରୀ କଲୋନୀ ବାସିନ୍ଦା ଇଓ ଏବଂ ଏଇଙ୍କୁ ଘେରିଥିଲେ। ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଥିବା ରାସ୍ତା କୋଲନୀ ଦେଇ ଡେଲି ମାର୍କେଟ ରାସ୍ତାରେ ମିଶିଛି। ଏହି ରାସ୍ତାଟି ଦୀର୍ଘ ଦିନ ହେଲା ଖାଲ ଢିପ ହୋଇ ଅତି ଖରାପ ହୋଇ ପଡିଥିଲା। ଫଳରେ ବର୍ଷା ଦିନେ ପାଣି ଜମି କଲୋନୀବାସୀ ଯାତାୟାତରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ରାସ୍ତା ମରାମତି ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପରେ କାମ ଆରମ୍ଭ ହୋଇଥିଲା। ମାତ୍ର ରାସ୍ତାରେ କେବଳ କ୍ରସର ଡଷ୍ଟ ପକାଇ କାମ ସାରି ଦିଆଗଲା। ଏବେ ଉକ୍ତ ରାସ୍ତା ଉପରେ ପିଚୁ ପକାଯିବ ଜାଣିବା ପରେ କଲୋନୀବାସୀ ସହକାରୀ ଯନ୍ତ୍ରୀଙ୍କୁ ଅଭିଯୋଗ ଜଣାଇଥିଲେ। ଏଥି ପ୍ରତି ସହକାରୀଯନ୍ତ୍ରୀ ଗୁରୁତ୍ୱ ଦେଇ ନ ଥିଲେ। ଶେଷରେ ଲୋକେ ଇଓ ଏବଂ ଏଇଙ୍କୁ ଘେରିଥିଲେ। ଏହି ରାସ୍ତା କାମ ହେବାର ୧୫ ଦିନ ମଧ୍ୟରେ ରାସ୍ତାରୁ ପିଚୁ ଉଠିଯାଇ ନଷ୍ଟ ହୋଇ ଯାଇଥିଲା ବୋଲି କଲୋନୀବାସିନ୍ଦା ଅଭିଯୋଗ କରିଛନ୍ତି। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରା ବିଭାଗୀୟ ଜେଇଙ୍କୁ ଏଷ୍ଟିମେଟ୍ ଅନୁସାରେ ଭଲ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୪ ଦିନରେ ୪୦ ଡିଗ୍ରୀ ଛୁଇଁବ ତାତି

ଭୁବନେଶ୍ୱର,(ଅନୁରାଧା ମହାରଣା): ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ପାର୍ଶ୍ୱବର୍ତ୍ତୀ ଆଭ୍ୟନ୍ତରୀଣ ଜିଲାଗୁଡିକରେ ହାଲୁକାରୁ ମଧ୍ୟମ ବର୍ଷା ହୋଇଥିଲେ ମଧ ଅନ୍ୟ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ୧୧ରୁ ୧୪ ତାରିଖ ଯାଏ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏଥିସହ ୩ରୁ ୪ଦିନ ମଧ୍ୟରେ ଦିନ ତାପମାତ୍ରା ୪ରୁ ୬ ଡିଗ୍ରୀ ଯାଏ ବୃଦ୍ଧି ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଟପିବାର ଆଶଙ୍କା ରହିଛି। ରବିବାର ବୌଦ୍ଧରେ ସର୍ବାଧିକ ୩୭.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିବାବେଳେ ମାଲକାନଗିରିରେ ୩୭.୧ ଡିଗ୍ରୀ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ ଦଣ୍ଡ**
**କଡ଼ାକ ଦୋଷକୁ କାହାଣେ ତଣ୍ଡା।**

ଛୋଟ ପାପ ପାଇଁ ବଡ଼ ଦଣ୍ଡ। କଥାରେ ଅଛି ଦଇବ ଦଣ୍ଡିଲେ ନିସ୍ତାର ନାହିଁ। ଅର୍ଥାତ୍ ଅପରାଧୀ ଯେତେ ଚାଲାକ ଚତୁର ହେଉନା କାହିଁକି ବିଳମ୍ବରେ ହେଉପଛେ କଲାକର୍ମର ଫଳ ଭଗବାନ ତାକୁ ନିଶ୍ଚିତ ଦେଇଥାନ୍ତି। ତାଙ୍କ ଅଦାଲତରେ କାହାରିକୁ କ୍ଷମା ନାହିଁ। ଦୋଷ ଯେତେ ଛୋଟ ପରିମାଣର ହୋଇଥିଲେ ମଧ୍ୟ ଦୋଷୀକୁ ଦଣ୍ଡ ମିଳିବା ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦଣ୍ଡିବା ଶକ୍ତି ଯାର ଥାଇ**
**ସେ ପୁଣି କ୍ଷମା ଆଚରଇ।**

ଭଗବାନ ଗଧ ପାଦ ଧରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ଶକ୍ତିଶାଳୀ ଲୋକ ମଧ ଦରକାର ବେଳେ ବିନୟ ଭାବ ପୋଷଣ କରିଥାଏ। ମନୁଷ୍ୟର ମହାନତାର ପରିଚୟ ତା'ର ପଦ, ଅଧିକାର, ଐଶ୍ୱର୍ଯ୍ୟ ବା ଧନସମ୍ପତ୍ତିରୁ ନୁହେଁ ବରଂ ତା'ର ବିନମ୍ରତା, ଉଦାରତା ଓ କର୍ତ୍ତବ୍ୟପରାୟଣତାରୁ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ହଦଗଡ଼ ଅଭୟାରଣ୍ୟରୁ ଛୁଆହାତୀ ମୃତଦେହ ଜବତ



ସୋସୋ(ସତ୍ୟବ୍ରତ ଜେନା)/ହାଟଡିହୀ(ଶୁଭକାନ୍ତ ।ୟକ)୧୦।୩

କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ହଦଗଡ଼ ବନାଞ୍ଚଳ ହସ୍ତୀ ଅଭୟାରଣ୍ୟର କାଠକଟା ସେକ୍ସନ କଣ୍ଟିପାଳ ବିଟ୍ ମସାଘାଟି ନିକଟରୁ ଛୁଆହାତୀର ମୃତଦେହ ଜବତ ହୋଇଛି। ମୃତ ଅଣ୍ଡିରା ଛୁଆହାତୀର ବୟସ ୬ ବର୍ଷ ହେବ ବୋଲି ବନ ବିଭାଗ କହିଛି।

ମସାଘାଟି ଜଙ୍ଗଲରେ ହାତୀପଲ ବିଚରଣ କରୁଥିଲା ବେଳେ ରବିବାର ଏକ ଛୁଆହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଆନନ୍ଦପୁର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇଙ୍କ ସହ ପ୍ରାଣୀ ବିଶେଷଜ୍ଞମାନେ ପହଞ୍ଚିଥିଲେ। ମାତ୍ର ହାତୀପଲ ମୃତଦେହ ନିକଟରେ ରହିଥିବାରୁ ବନ କର୍ମଚାରୀ ଓ ଅଧିକାରୀ ପାଖକୁ ଯାଇପାରି ନ ଥିଲେ। ଦୀର୍ଘ ସମୟ ପରେ ହାତୀପଲ ସେଠାରୁ ଯିବା ପରେ ଡାକ୍ତରୀ ଟିମ୍ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରି ପୋତି ଦିଆଯାଇଥିଲା। ଡିଏଫ୍ଓ ଅଭୟ କୁମାର ଦଳେଇ କହିଛନ୍ତି, ହାତୀଙ୍କ ମଧ୍ୟରେ ସଂଘର୍ଷ କାରଣରୁ ହାତୀ ଛୁଆଟିର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଆଜି 'ଆନନ୍ଦ ବନ' ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୩ (ବନ୍ଦନା ସେଠୀ)

ସର୍ବସାଧାରଣଙ୍କ ପାଇଁ ଖୋଲିବ ବହୁ ପ୍ରତୀକ୍ଷିତ 'ଆନନ୍ଦ ବନ'। ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ରାଜଧାନୀ କଂକ୍ରିଟ୍ ସହର ଭିତରେ ମିଳିବ ଜଙ୍ଗଲର ଅନୁଭୂତି। ବୃକ୍ଷଲତାରେ ପରିପୂର୍ଣ୍ଣ ଏହି ଜଙ୍ଗଲରେ ପକ୍ଷୀଙ୍କ କିଚିରିମିଚିରି ସାଙ୍ଗକୁ ପ୍ରାକୃତିକ ପରିବେଶ, ଔଷଧୀୟ ବୃକ୍ଷ ଏବଂ ଭଳିକି ଭଳି ଫୁଲଗଛର ସମ୍ଭାର ରହିଛି। ଶଙ୍କରପୁର ମୌଜାର କଳିଙ୍ଗନଗର କେ-୭ ଅଞ୍ଚଳରେ ୯୦ ଏକର ଜାଗାରେ ପରିବ୍ୟାପ୍ତ ହୋଇଛି ଏହି ବନ। ରାସ୍ତାର ଗୋଟିଏ ପାର୍ଶ୍ୱରେ ୬୦ଏକର ଓ ଅନ୍ୟ ପାଖରେ ୩୦ଏକର ଜଙ୍ଗଲ ରହିଛି। ଉଭୟ ପାର୍ଶ୍ୱକୁ ଯୋଡ଼ିବା ପାଇଁ ଫୁଟ୍ ଓଭର ବ୍ରିଜ୍ ମଧ୍ୟ ନିର୍ମାଣ ହୋଇଛି। ଏହା ମଧ୍ୟରେ ସାଇକେଲ ପଥ, ରଙ୍ଗଭୂମି, ଜଳାଶୟ, କାଠପୋଲ, ବର୍ଷା ଆଶ୍ରୟସ୍ଥଳ, କଙ୍କର ପଥ, ବ୍ୟାୟାମକେନ୍ଦ୍ର, ହିଲ୍ ପ୍ଲେ ମଣ୍ଡପ, ଯୋଗମଣ୍ଡପ, ଫୁଡ୍‌ଜୋନ, ପାର୍କିଂ, ମାଟି ପଥ, ସାଇକେଲ ଟ୍ରାକ, ଶୌଚାଳୟ ଆଦି ରହିଛି। ନଗର ବନଖଣ୍ଡ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଓଏମ୍‌ସିର ମିଳିତ ସହଯୋଗରେ ଏହାର ଉନ୍ନତୀକରଣ କାର୍ଯ୍ୟ ହୋଇଛି। ଆନନ୍ଦବନରେ ୫ଟି ଗେଟ୍ ରହିଛି। ଜଙ୍ଗଲର ସୁରକ୍ଷା ଲାଗି ବ୍ୟାପକ ସିସିଟିଭି ଲାଗିବା ସହିତ ସୁରକ୍ଷାକର୍ମୀ ନିୟୋଜିତ ହେବେ। ସକାଳ ୫ଟାରୁ ୧୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଆନନ୍ଦ ବନ ଲୋକଙ୍କ ପାଇଁ ଖୋଲା ରହିବ ବୋଲି ସୂଚନା ଦିଆଯାଇଛି।

# ପାରିବାରିକ କଳହରୁ ବୃଦ୍ଧ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

**ଝିଅ ଅନ୍ୟ ଜାତିରେ ବିବାହ କରିବାରୁ ପାରିବାରିକ କଳହ ହୋଇଥିବା ଚର୍ଚ୍ଚା**

ମାଣିଆବନ୍ଧ/ବଡ଼ମ୍ବା,୧୦।୩
(ଅଖିଳ କୁମାର ସାହୁ/ମାୟାଧର ମଲ୍ଲିକ)

କଟକ ଜିଲା ମାଣିଆବନ୍ଧ ଥାନା ଅନ୍ତର୍ଗତ ଏକ ଘରୁ ରବିବାର ସକାଳେ ବୃଦ୍ଧ ଦମ୍ପତିଙ୍କ ମୃତଦେହ ମିଳିଛି। ସେମାନେ ହେଲେ ନିତ୍ୟାନନ୍ଦ ମହାପାତ୍ର (୬୪) ଏବଂ ତାଙ୍କ ସ୍ତ୍ରୀ ଶାନ୍ତିଲତା ମହାପାତ୍ର (୫୪)। ଝିଅ ଅନ୍ୟ ଜାତିରେ ବିବାହ କରିବାରୁ ଘରେ ପାରିବାରିକ କଳହ ହେବାରୁ ସେମାନେ ବିଷପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏନେଇ ସାନ ପୁଅ ସୁମନ୍ତ ଥାନାରେ ଅଭିଯୋଗ କରିବା ପରେ ଅପମୃତ୍ୟୁ ମାମଲା (ନଂ. ୭/୨୪) ରୁଜୁ ହୋଇଛି। ବଡ଼ଭାଇ ଓ ଭାଉଜ ବାହାରେ ରୁହନ୍ତି। ସୁମନ୍ତ ଏକ ଇଣ୍ଟରଭ୍ୟୁ ଦେବାକୁ ଭୁବନେଶ୍ୱର ଯାଇଥିଲେ। ଅପରପକ୍ଷେ ବାପା ନିତ୍ୟାନନ୍ଦ ଓ ମା' ଶାନ୍ତିଲତା ଶନିବାର ଝିଅ ଘରକୁ ବୁଲିବାକୁ ଯାଇଥିଲେ। ଫେରିବା ପରେ ବିଳମ୍ବିତ ରାତିରେ ବିଷ ପିଇ ଆତ୍ମହତ୍ୟା କରିଥିବା ଆଶଙ୍କା କରାଯାଉଛି। ରବିବାର ସକାଳେ ବହୁ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପଡ଼ୋଶୀ ସନ୍ଦେହରେ ଘରକୁ ଯାଇ ଦେଖିବାବେଳକୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ସେମାନେ ପୋଲିସରେ ଖବରଦେବା ପରେ ଥାନାଧିକାରିଣୀ କାଦମ୍ବିନୀ ପରିଡ଼ା ଓ ଏସ୍‌ଆଇ ବସନ୍ତ ଶତପଥୀ ପହଞ୍ଚି ମୃତଦେହ ଜବତ କରିଥିଲେ। ପଡ଼ୋଶୀଙ୍କ କହିବାନୁଯାୟୀ, ନିତ୍ୟାନନ୍ଦଙ୍କ ଝିଅ ଅନ୍ୟ ଜାତିରେ ବିବାହ କରିବାରୁ ଦୁଇ ପୁଅ ଖୁସି ନ ଥିଲେ। ବଡ଼ପୁଅ ପ୍ରଶାନ୍ତ ରାଜ୍ୟ ବାହାରେ ଚାକିରି କରୁଥିବାବେଳେ କିଛିଦିନ ପୂର୍ବେ ଫେରିଥିଲେ। ଶନିବାର ନିତ୍ୟାନନ୍ଦ ଓ ଶାନ୍ତିଲତା ଝିଅ ଘରୁ ଫେରିବା ପରେ ପ୍ରଶାନ୍ତଙ୍କ ସହ ସେମାନଙ୍କ ପାଟିତୁଣ୍ଡ ହୋଇଥିଲା। ଏହାପରେ ପ୍ରଶାନ୍ତ ତାଙ୍କ ଶ୍ୱଶୁର ଘରକୁ ଚାଲିଯାଇଥିବା ବେଳେ ସାନପୁଅ ମଧ୍ୟ ଘରେ ନ ଥିଲେ। ଏହାର ସୁଯୋଗ ନେଇ ବୃଦ୍ଧ ଦମ୍ପତି ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

# ପ୍ରତିଯୋଗୀରୁ ପ୍ରତିଷ୍ଠିତ ବ୍ୟବସାୟୀ

**ବ୍ରହ୍ମପୁର ବଡ଼ ବଜାରରେ ଏକ ବ୍ୟବସାୟିକ ପରିବାରରେ ଜନ୍ମହୋଇ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ପାଇଁ ପିଲାଟିବେଳୁ ଆଶା ବାନ୍ଧିଥିଲେ। ମେଧାବୀ ଓ ଉଚ୍ଚାକାଂକ୍ଷୀ ଥିବା ତିରୁମଲ ସମୟକ୍ରମେ ବିଜ୍ଞାନ ଏବଂ ଆଇନରେ ଉଚ୍ଚଶିକ୍ଷା ଶେଷ କରିଥିଲେ। କିନ୍ତୁ ପାରିବାରିକ ବ୍ୟବସାୟରୁ ନିଜକୁ ଦୂରେଇ ନ ପାରି ଶେଷରେ ବାପାଙ୍କୁ ସହଯୋଗ କରିବାର ମନସ୍ଥ କରିଥିଲେ। ସେଦିନର ନିଷ୍ପତ୍ତି ପାଇଁ ଆଜି ଜଣେ ସଫଳ ବ୍ୟବସାୟୀ ଭାବେ ନିଜକୁ ପରିଚିତ କରାଇ ବେଶ୍ ସୁନାମ ଅର୍ଜନ କରିଥିବା ଶ୍ରୀଦୁର୍ଗା ରିଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) କୋଟନୀ ତିରୁମଲ କୁମାରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ ...**


କୋଟନୀ ତିରୁମଲ କୁମାର

**ପ୍ର– ପ୍ରତିଯୋଗିତାମୂଳକ ବଜାରରେ ବ୍ୟବସାୟିକ ଯାତ୍ରା କିଭଳି ରହିଛି?**

ଉ– ପ୍ରତିଟି କ୍ଷେତ୍ରରେ ପ୍ରତିଯୋଗିତା ନ ରହିଲେ ଯେକୌଣସି ଯାତ୍ରା ସୁଗମ ଏବଂ ସଫଳ ହୋଇ ନ ଥାଏ। କାରଣ ପ୍ରତିଯୋଗିତା ହିଁ ମନୋବଳକୁ ଦୃଢ଼ ଓ ସଶକ୍ତ କରିଥାଏ। ଏପରିକି ଏଥିରୁ ନୂଆ ଦିଶା ମିଳେ ଏବଂ ମନରେ ଉତ୍ସାହ ଆଣେ। ସେହିପରି ବ୍ୟବସାୟ ଅଭିବୃଦ୍ଧିରେ ପ୍ରତିଯୋଗିତା ଏକ ମାନଦଣ୍ଡ ହୋଇଥିବା ବେଳେ ବ୍ୟବସାୟୀର ଉପସ୍ଥିତି ଓ ସାମର୍ଥ୍ୟକୁ ଏହା ଏକ ପ୍ରକାର ବଳ ଯୋଗାଇଦେଇଥାଏ।

**ପ୍ର– ଆପଣଙ୍କ ବ୍ୟବସାୟର ବିଶେଷ ମୂଲ୍ୟବୋଧ କ'ଣ ରହିଛି?**

ଉ– ବ୍ରହ୍ମପୁରରୁ ଆରମ୍ଭ ହୋଇଥିବା ଶ୍ରୀଦୁର୍ଗା ଇତିମଧ୍ୟରେ ୫୦ରୁ ଅଧିକ ବର୍ଷ ଅତିକ୍ରମ କରିସାରିଲାଣି। ଗତ ୧୦ବର୍ଷ ମଧ୍ୟରେ ଆମେ ଭୁବନେଶ୍ୱରରେ ଦୁଇ ଦୁଇଟି ଷ୍ଟୋର ଖୋଲିପାରିଛୁ। ଏହା କେବଳ ହେଉଛି ଆମ ପ୍ରତି ଥିବା ଗ୍ରାହକଙ୍କ ଭଲପାଇବା ଓ ବିଶ୍ୱାସ। ସେହିଭଳି ଗ୍ରାହକଙ୍କୁ ଆମେ ଟ୍ରେଣ୍ଡିଂ ଷ୍ଟାଇଲ୍ ସହ ୟୁନିକ୍ ଡିଜାଇନ ଏବଂ ଗୁଣାତ୍ମକ ଉତ୍ପାଦ ଓ ସର୍ଭିସ୍ ଯୋଗାଇଦେଇଥାଉ। ଶ୍ରୀଦୁର୍ଗାରେ ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ ଓ ବ୍ରାଣ୍ଡର ପ୍ରାୟ ସମସ୍ତ ପ୍ରକାର ପୋଷାକ ରହିଥିବା ସହ ଗୃହୋପଯୋଗୀ ଆସବାବ ସାମଗ୍ରୀ ମଧ୍ୟ ସୁଲଭ ମୂଲ୍ୟରେ ଉପଲବ୍ଧ। ଶ୍ରୀଦୁର୍ଗା ଷ୍ଟୋର୍‌ର ବିଶେଷତ୍ୱ ହେଉଛି ଏହାର ୟୁନିକ୍ ଶାଢ଼ି କଲେକ୍ସନ। ସାରା ଦେଶର କୋଣ ଅନୁକୋଣର ବିଭିନ୍ନ ପ୍ରକାର ଶାଢ଼ି ଶ୍ରୀଦୁର୍ଗାର ସମସ୍ତ ଷ୍ଟୋରରେ ବେଷ୍ଟ କ୍ୱାଲିଟି ସହ ଉଚିତ ମୂଲ୍ୟରେ ମିଳୁଛି।

**ପ୍ର–ଶ୍ରୀଦୁର୍ଗାର ଆଗାମୀ ସମ୍ପ୍ରସାରଣ ଯୋଜନା କିଭଳି ରହିଛି?**

ଉ–ପ୍ରତିଯୋଗିତାମୂଳକ ବଜାରରେ ଶ୍ରୀଦୁର୍ଗାର ଉପସ୍ଥିତିକୁ ଜାହିର କରିବା ସହ ଲୋକପ୍ରିୟ ରିଟେଲ ଷ୍ଟୋରର ମାନ୍ୟତାକୁ ବଜାୟ ରଖିବା ଏବଂ ବ୍ୟବସାୟିକ ବୃଦ୍ଧି ପାଇଁ ସମ୍ପ୍ରସାରଣର ନିହାତି ଆବଶ୍ୟକତା ରହିଛି। ଚଳିତ ବର୍ଷ ଆମେ ଭୁବନେଶ୍ୱର ସମେତ ଓଡ଼ିଶାର ପ୍ରମୁଖ ସହର ଏବଂ ଆନ୍ଧ୍ରପ୍ରଦେଶରେ ମଧ୍ୟ ରିଟେଲ ଷ୍ଟୋର ଓ ଆଉଟ୍‌ଲେଟ୍ ଖୋଲିବା ଯୋଜନା କରୁଛୁ ଏବଂ ସାରା ଭାରତରେ ଆମେ ଆମ ବ୍ରାଣ୍ଡର ଉପସ୍ଥିତି ସହ ଦେଶର ପ୍ରମୁଖ ସହରରେ ଶାଖା ଖୋଲିବାକୁ ଆଶାୟୀ ଅଛୁ।

**ପ୍ର– ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥାନ୍ତି?**

ଉ–ଆମ ପାଇଁ ଗ୍ରାହକ ହିଁ ଈଶ୍ୱର। ତେଣୁ ଗ୍ରାହକମାନଙ୍କ ପ୍ରତି ରହିଥିବା ଉତ୍ତରଦାୟିତ୍ୱଗୁଡ଼ିକୁ ତୁଲାଇବା ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ଗ୍ରାହକ ସନ୍ତୁଷ୍ଟି ଏକ ମୁଖ୍ୟ ଅଂଶ। ସେମାନଙ୍କ ପସନ୍ଦ ଓ ଚାହିଦା ମୁତାବକ ଆମେ ସ୍ୱଚ୍ଛ ସେବାକୁ ପ୍ରାଧାନ୍ୟ ଦେଇ ଗୁଣାତ୍ମକ ଉତ୍ପାଦ ଏବଂ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିଥାଉ। ଫଳରେ ଜଣେ ଉତ୍ତମ ଗ୍ରାହକ ଆଉ ୧୧ଜଣ ଗ୍ରାହକଙ୍କ ଆଗମନର ମୂଳ କାରଣ ପାଲଟିଥାନ୍ତି। ଆମ ବ୍ୟବସାୟରେ ୧ ସହିତ ଏଗାର ହୋଇଥାଏ।

**ପ୍ର– ବ୍ୟବସାୟରେ ତିଷ୍ଠିରହିବା ପାଇଁ ଅଫରର ଆବଶ୍ୟକତା ରହିଛି କି?**

ଉ– ଏଥିପାଇଁ ଅଫରର ଆବଶ୍ୟକତା ନ ଥିଲେ ମଧ ଉତ୍ପାଦନକାରୀ(କମ୍ପାନୀ)ମାନେ ବିଭିନ୍ନ ସମୟରେ ଆମ ଜରିଆରେ ଅଫର ଘୋଷଣା କରିଥାନ୍ତି। ଫଳରେ ଅଫର ଉଭୟ ଗ୍ରାହକ ଓ କମ୍ପାନୀ ଦୂରତ୍ୱକୁ ନିକଟତର କରିଥାଏ। ଏହାଦ୍ୱାରା କାରବାର ମଧ୍ୟ ବୃଦ୍ଧି ପାଇଥାଏ ଏବଂ ଗ୍ରାହକଙ୍କ ଆବଶ୍ୟକତାକୁ ଅଫର ମାଧ୍ୟମରେ ପୂରଣ କରାଯାଇପାରିଥାଏ।

**ପ୍ର– ଚଳିତ ଋତୁରେ ନୂତନ ଉତ୍ପାଦ ଏବଂ ଅଫର ସମ୍ପର୍କରେ କ'ଣ କହିବେ?**

ଉ– ଆମେ ବିଶେଷକରି ଋତୁକାଳୀନ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେଇଥାଉ। ବିବାହ ଋତୁ ଚାଲିଥିବାରୁ ଉଭୟ ବର, କନ୍ୟା ଓ ପରିଜନଙ୍କ ପାଇଁ ବ୍ୟାପକ ରେଞ୍ଜ୍‌ର ନୂତନ ଓ ଡିଜାଇନ୍‌ର ଉତ୍ପାଦ ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଉଛୁ। ଖାସ୍ କରି ଏହି ସିଜନ୍‌ରେ ଆମେ ନୂଆ ନୂଆ ଟ୍ରେଣ୍ଡିଂ ଡିଜାଇନର ଶାଢ଼ି, ଲେହେଙ୍ଗା, ସାଲୱାର ସୁଟ୍, ସେରୱାନୀ ଓ କୁର୍ତ୍ତା ଉପରେ ଅଧିକ ଗୁରୁତ୍ୱ ଦେଇଛୁ। ଏଥିସହ ବିବାହ ସିଜନ୍‌କୁ ନଜରରେ ରଖି ପ୍ରେଷ୍ଟିଜ୍ ନାମରେ ଏକ ସ୍ୱତନ୍ତ୍ର ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକ ବର୍ଷକ ପାଇଁ (ବାର୍ଷିକ ସୁବିଧା) ୧୦% ବିଶେଷ ରିହାତି ସହ ଅନ୍ୟାନ୍ୟ ସୁବିଧା କ୍ରୟ ବିଲିଂ ଉପରେ ପାଇପାରିବେ।

**ପ୍ର– ଆଶାୟୀ ଉଦ୍ୟୋଗୀମାନଙ୍କୁ ଆପଣ କ'ଣ କହିବେ?**

ଉ– ରିଟେଲ ବ୍ୟବସାୟ ସର୍ବଦା ଭଲ ରହିଥାଏ। ହେଲେ ବର୍ତ୍ତମାନର ଯୁବଗୋଷ୍ଠୀଙ୍କ ନିକଟରେ ସହନଶୀଳତା ଓ ପରିଶ୍ରମର ମନୋଭାବ ନାହିଁ। କିନ୍ତୁ ଉଚିତ ପରିଶ୍ରମ କଲେ ବ୍ୟବସାୟରେ ସଫଳତା ମିଳିଥାଏ। ବିଶେଷକରି ବ୍ୟବସାୟ ପୂର୍ବରୁ ଦକ୍ଷ ଓ ଅଭିଜ୍ଞ ମାନବ ସମ୍ବଳ, କଠିନ ପରିଶ୍ରମ, ତ୍ୟାଗ ଏବଂ ଧୈର୍ଯ୍ୟର ଆବଶ୍ୟକତା ରହିଛି।

# ଆଜି ଦୀର୍ଘତମ ଫ୍ଲାଏ ଓଭର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

ଯୋଡ଼ା,୧୦।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାଠାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭରର ନିର୍ମାଣ ଶେଷ ହୋଇଛି। ୨୫୦ କୋଟି ବ୍ୟୟ ଅଟକଳରେ ୨.୯ କି.ମି. ଦୀର୍ଘ ଏହି ଫ୍ଲାଏ ଓଭରକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପଣ କରିବେ। ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ଅର୍ଥରେ ଏହି ଫ୍ଲାଏ ଓଭର ନିର୍ମାଣ କରାଯାଇଛି। ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ ଏହାର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ବେଳେ ଗୁଜରାଟ ରାଜ୍ୟର ଚେଭରନ୍ସ ନାମକ ଠିକାସଂସ୍ଥା କାର୍ଯ୍ୟ ଶେଷ କରିଛି।

ସୂଚନା ଅନୁଯାୟୀ, ୨.୯କି.ମି. ଲମ୍ବ ବିଶିଷ୍ଟ ଏହି ଫ୍ଲାଏ ଓଭରର ଚଉଡ଼ା ୧୨ମିଟର ଥିବା ବେଳେ ଭୂମିଠାରୁ ଏହାର ସର୍ବାଧିକ ଉଚ୍ଚତା ୬୦ ଫୁଟ ରହିଛି। ଫ୍ଲାଏ ଓଭରର କାର୍ଯ୍ୟ ୨୦୨୧ରେ ଆରମ୍ଭ ହୋଇ ୨୦୨୩ ସେପ୍ଟେମ୍ବରରେ ସମ୍ପୂର୍ଣ୍ଣ ହେବାର ସମୟ ସୀମା ଥିଲା। ଜମି ଅଧିଗ୍ରହଣ, ଟ୍ରାଫିକ୍, ବହୁଳ ଖଣିଜ ବୋଝେଇ ଭାରିଯାନ ଚଳାଚଳ, ଶିଳ୍ପ ସଂସ୍ଥାର ସ୍ଲରି ପାଇପ୍ ଲାଇନ୍, ପାନୀୟ ଜଳ ପାଇପ୍ ଲାଇନ୍ ପ୍ରଭୃତି ସମସ୍ୟାର ସମାଧାନ ପରେ ୨୦୨୪ ମାର୍ଚ୍ଚରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ସର୍ଭିସ୍ ରୋଡ୍ ପାଇଁ ଆଉ ଅଧିକ ୨ ମାସ ସମୟ ଲାଗିବ ଓ ସୁନା ନଦୀର ଦ୍ୱିତୀୟ ପୋଲ ଜୁନ୍ ମଧ୍ୟରେ ସରିବ ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଇଛି। ଠିକାସଂସ୍ଥାର ମାନବ ସମ୍ବଳ ଅଧିକାରୀ ଭାଗୀରଥି ପଣ୍ଡା କହିଛନ୍ତି, ସମ୍ପୂର୍ଣ୍ଣ ଭାରତୀୟ ଅତ୍ୟାଧୁନିକ ଜ୍ଞାନ କୌଶଳରେ ସେତୁ ନିର୍ମାଣ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଫ୍ଲାଏ ଓଭର ଉପରେ ଥିବା ମୋଡଗୁଡ଼ିକରେ ସିଗ୍ନାଲ ବୋର୍ଡ ଲଗାଯାଇଛି। ଏଥିରେ ସ୍ୱତନ୍ତ୍ର ଭାବେ ଲୁହା ବିୟରିଂ ସ୍ଥାନରେ ରବରରେ ତିଆରି ବିୟରିଂ ଲଗାଯାଇଛି। ଯାହାକି ପୋଲର ସ୍ଥାୟିତ୍ୱ ୧୦୦ବର୍ଷକୁ ବୃଦ୍ଧି କରିବ। ଓବିସିସିର ସାଧାରଣ ପରିଚାଳକ ନରସିଂହ ମହାନ୍ତଙ୍କ ପ୍ରତ୍ୟକ୍ଷ ସର୍ବେକ୍ଷଣରେ ନିର୍ମାଣ ହୋଇଥିବା ବେଳେ ୭ ଟ୍ରାନ୍ସଫର୍ମର ଲଗାଯାଇ ବିଦ୍ୟୁତୀକରଣ କରାଯାଇଛି। ଲାଇଟ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ପୌରପାଳିକା କରିବ। ଉଲ୍ଲେଖଯୋଗ୍ୟ, ଯୋଡ଼ାରେ ବାଇପାସ୍ କିମ୍ବା ଫ୍ଲାଏ ଓଭର ପାଇଁ ବରିଷ୍ଠ ନାଗରିକ ମଞ୍ଚ, ବରିଷ୍ଠ ଖବରଦାତା, ବୁଦ୍ଧିଜୀବୀ, ଓଡ଼ିଶା ମୋଟର ଚାଳକ ସଙ୍ଘ, ସୁପର ମାର୍କେଟ ବଣିକ ସଂଘ, ଯୋଡ଼ା ବିକାଶ ପରିଷଦ, ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଯୋଡ଼ା ପୂର୍ବତନ ନଗରପାଳ ରବୀନ୍ଦ୍ର କୁମାର ଦାସ ପ୍ରମୁଖ ଦାବି କରିଆସୁଥିଲେ।

**ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଛି**


ଯୋଡ଼ାରେ ନିର୍ମିତ ନୂତନ ଫ୍ଲାଏ ଓଭର।

# ଶିମିଳିପାଳରେ ଅଫିମ ଚାଷ

- ୧୮ କୋଟି ୩୬ ଲକ୍ଷ ଟଙ୍କାର ଗଛ ନଷ୍ଟ କଲା ମିଳିତ ଟିମ୍
- ନିଶା ବେପାରୀଙ୍କ ଟେର୍ ମିଳୁନି


ମିଳିତ ଟିମ୍ ଅଫିମ ଗଛ ଓପାଡ଼ି ନଷ୍ଟ କରୁଛନ୍ତି।

ବାରିପଦା,୧୦।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ଚାଲିଛି ଅଫିମ ଚାଷ। ଯାହାର ପର୍ଦ୍ଦାଫାଶ କରିଛି ପୋଲିସ, ବନ ବିଭାଗ ଓ ଅବକାରୀ ବିଭାଗର ମିଳିତ ଟିମ୍। ରବିବାର ଚଢ଼ାଉ ପରେ ୫ଟି ସ୍ଥାନରେ ଚାଷ ହୋଇଥିବା ୯ଲକ୍ଷ ୧୦ହଜାର ଅଫିମ ଗଛକୁ କିରୋସିନ ଢାଳି ପୋଡ଼ି ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୮ କୋଟି ୩୬ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ବକୁଆ ଓ କୁକୁରଭୁକା ଅଞ୍ଚଳରେ ବେଆଇନ ଅଫିମ ଚାଷ ହୋଇଥିବା ନେଇ ଯଶୀପୁର ପୋଲିସ ଖବର ପାଇଥିଲା। ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ମାଜିଷ୍ଟ୍ରେଟ ତଥା ଯଶୀପୁର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ, ବନବିଭାଗ, ରାଜସ୍ୱ ଅଧିକାରୀ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ୨ଟି ସ୍ଥାନରେ ଥିବା ୫ଲକ୍ଷ ୨୫ ହଜାର ଗଛକୁ ଓପାଡ଼ି ନିଆଁ ଲଗାଇ ନଷ୍ଟ କରାଯାଇଥିଲା, ଯାହାର ବଜାର ମୂଲ୍ୟ ୧୦କୋଟି ୬୬ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

ସେହିପରି ଅବକାରୀ ଏସ୍‌ପି ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଟିମ୍, ପୋଲିସ, ବନ ବିଭାଗ ଓ ରାଜସ୍ୱ ଅଧିକାରୀ ମିଳିତ ଭାବେ ଚଢ଼ାଉ କରି ୩ଟି ସ୍ଥାନରୁ ୧୧ ଏକର ଜମିରେ ଚାଷ ହୋଇଥିବା ୩ ଲକ୍ଷ ୮୫ ହଜାର ଅଫିମ ଗଛକୁ ପୋଡ଼ି ନଷ୍ଟ କରିଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୭ କୋଟି ୭୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଅବକାରୀ ବିଭାଗ ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଜେନାବିଲ, ଖେଜୁରୀ ଓ ଯଜାଗଦା ଅଞ୍ଚଳରେ ବ୍ୟାପକ ଅଫିମ ଗଛ ନଷ୍ଟ କରିଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨୮୯/୨୪) ରୁଜୁ ହୋଇଛି। ଯଶୀପୁର ପୋଲିସ ପକ୍ଷରୁ ମଧ ଏନ୍‌ଡିପିଏସ୍ ଆକ୍ଟରେ ପୃଥକ ମାମଲା (ନଂ. ୬୪ ଓ ୬୫/୨୪) ରୁଜୁ ହୋଇଛି। ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ବେଳେ ଚାଷରେ ସମ୍ପୃକ୍ତ ନିଶା ବେପାରୀଙ୍କ ସମ୍ବନ୍ଧରେ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

ଉଲ୍ଲେଖଯୋଗ୍ୟ, ଗତ ଫେବୃଆରୀ ୨୪ରେ ଯଶୀପୁର ପୋଲିସ ଚଢ଼ାଉ କରି ଶିମିଳିପାଳ ସଂଲଗ୍ନ ପଡ଼ାଗଡ଼ ପଞ୍ଚାୟତ ବୁଦ୍ଦେଇପୋଷି ଓ ଧଳବଣି ପଞ୍ଚାୟତର ଠାକୁରଗୋଡ଼ା ଗ୍ରାମରେ ଚାଷ ହୋଇଥିବା ୧୩ ହଜାର ଅଫିମ ଗଛ ପୋଡ଼ି ନଷ୍ଟ କରିଥିଲା। ତେବେ ଅଫିମ ଚାଷ କରୁଥିବା ନିଶା ବେପାରୀଙ୍କୁ ଗିରଫ କରା ନ ଗଲେ ଭଞ୍ଜସେନା ପକ୍ଷରୁ ପ୍ରତିବାଦ କରାଯିବ ବୋଲି ଏହାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଚେତାବନୀ ଦେଇଛନ୍ତି।

# ନାଗରିକଙ୍କ ଜୀବନକୁ ସୁଗମ କରିବା ପାଇଁ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)



ସମାଜରେ ନବସୃଜନ ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଲୋକଙ୍କ ଜୀବନକୁ ସୁଗମ କରିବା ଦିଗରେ ମୂଳଚିନ୍ତନ କରିବାର ଦାୟିତ୍ୱ ବିଶ୍ୱବିଦ୍ୟାଳୟର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ମାଧବ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ସାଇନ୍ସ ସେଣ୍ଟର, ଗ୍ୱାଲିୟରର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ିହେବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ମାଧବ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ ସାଇନ୍ସ ସେଣ୍ଟର, ଗ୍ୱାଲିୟର ଡିମ୍‌ଡ ୟୁନିଭର୍ସିଟିର ମାନ୍ୟତା ଲାଗି ଆମ ପାଇଁ ଗୌରବର ସମୟ। ଭାରତର ପୂର୍ବତନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ କରକମଳରେ ଏହି ଶିକ୍ଷାନୁଷ୍ଠାନର ଶିଳାନ୍ୟାସ ହୋଇଥିବା ବେଳେ ଏହାର ଲୋକାର୍ପଣ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଦ୍ୱାରା ହୋଇଥିଲା। ଏହି ଅନୁଷ୍ଠାନରେ ଅନେକ ବିଦ୍ୱାନ୍ ବ୍ୟକ୍ତି ପାଠପଢ଼ି ଦେଶର ଗୌରବମୟ ଯାତ୍ରାରେ ସାମିଲ ହୋଇଛନ୍ତି। ୨ ଦିନ ପୂର୍ବରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଇଆଇଟି ଇନ୍ଦୋର ଓ ସରକାରୀ ଇଞ୍ଜିନିୟର କଲେଜ, ଉଜ୍ଜୟିନୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଅଧିକ ପ୍ରୋତ୍ସାହିତ କରିବା ଭାରତ ସରକାରଙ୍କ ଲକ୍ଷ୍ୟ ରହିଥିବା ବେଳେ ଏହାକୁ ଆମକୁ ପ୍ରାଥମିକତା ଦେବାକୁ ହେବ। ଆଗାମୀ ଦିନରେ ମଧ୍ୟପ୍ରଦେଶରେ ଆଷ୍ଟ୍ରୋ ଫିଜିକ୍ସ, ଆଷ୍ଟ୍ରୋନୋମି ଓ ମେଗା କମ୍ପ୍ୟୁଟିଂର ନୂଆ ଦୁନିଆ ବନାଉଛେ। ଏହି ମର୍ମରେ ମିଟ୍ସ, ଗ୍ୱାଲିୟର ପରମ୍ପରାଗତ ଜ୍ଞାନ ସହ ଆଧୁନିକ ସମାଜର ଆବଶ୍ୟକତା ଅନୁସାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବ। ଦେଶରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ହେଉଥିବା ବେଳେ ଷ୍ଟେମ ଶିକ୍ଷାରେ ଛାତ୍ରୀଙ୍କ ନାମଲେଖା ବୃଦ୍ଧି ପାଇବା ଶୁଭ ଲକ୍ଷଣ। ସମାଜରେ ସବୁ ବର୍ଗର ଛାତ୍ରୀଛାତ୍ରଙ୍କୁ ସମାନ ଭାବରେ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ମହିଳା ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କୁ ..

ସ୍କେଲ ସୁବିଧା ପ୍ରଦାନ କରାଯିବ। ସେହିପରି ମୁଖ୍ୟମନ୍ତ୍ରୀ ବିଭିନ୍ନ ବ୍ଲକ ଗ୍ରାଣ୍ଟ ଅନୁଦାନ ପରିସରଭୁକ୍ତ କର୍ମଚାରୀମାନଙ୍କ ପାଇଁ ସେବା ସମୟରେ ମୃତ୍ୟୁବରଣ କିମ୍ବା ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ଅନୁକମ୍ପାମୂଳକ ସହାୟତା ରାଶି ଭାବେ ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ଏବଂ ୧.୫୦ ଲକ୍ଷରୁ ୩.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଇତିମଧ୍ୟରେ କ୍ୟାବିନେଟ, ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚତର ଶିକ୍ଷା ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ବ୍ଲକ ଗ୍ରାଣ୍ଟ କର୍ମଚାରୀମାନଙ୍କୁ ଅବସର ସମୟରେ ଏକକାଳୀନ ରାଶି ଭାବେ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ବ୍ଲକ ଗ୍ରାଣ୍ଟ କର୍ମଚାରୀ ଓ ସେମାନଙ୍କ ସଂଘ ପକ୍ଷରୁ ଏ ବିଷୟରେ ପ୍ରସ୍ତାବ ଆସିଥିଲା। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ସେମାନଙ୍କ ଏହି ପ୍ରସ୍ତାବ ବିଷୟରେ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରାୟ ୧୭,୫୦୦ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ।

### ୧୫ ସୁଦ୍ଧା ନିଯୁକ୍ତ ...

ତାଲିମ ବିଭାଗ ସଚିବ ରହିଛନ୍ତି। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନେଇ ଗଠିତ ଚୟନ କମିଟି ଇସି ନିଯୁକ୍ତି ପାଇଁ ପ୍ୟାନେଲରୁ ୨ ଜଣଙ୍କ ନାଁ ବାଛିବେ। ସେମାନଙ୍କୁ ରାଷ୍ଟ୍ରପତି ଇସି ଭାବେ ନିଯୁକ୍ତି ପ୍ରଦାନ କରିବେ। ଚୟନ କମିଟି ବୈଠକ ୧୩ କିମ୍ବା ୧୪ ତାରିଖରେ ବସିପାରେ ବୋଲି ଜଣାପଡ଼ିଛି। ସିଇସି ଏବଂ ଇସି ନିଯୁକ୍ତି ପାଇଁ କେନ୍ଦ୍ର ସରକାର ନୂଆ ଆଇନ ଆଣିବା ପୂର୍ବରୁ ସରକାରଙ୍କ ସୁପାରିସ ଅନୁଯାୟୀ ରାଷ୍ଟ୍ରପତି ଇସିଙ୍କୁ ନିଯୁକ୍ତି ଦେଉଥିଲେ। ପରମ୍ପରା ଅନୁଯାୟୀ ବରିଷ୍ଠ ଇସିଙ୍କୁ ସିଇସି ନିଯୁକ୍ତ କରାଯାଉଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ............................

ବୟସ: ............................

ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଜେଡି-ଭାଜପା ଅସନ୍ତୁଷ୍ଟ ନେତାଙ୍କୁ ପ୍ରାର୍ଥୀ କରିପାରେ କଂଗ୍ରେସ

**ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)**

୨୦୨୪ ନିର୍ବାଚନ ତାରିଖ କୌଣସି ସମୟରେ ଘୋଷଣା ହୋଇଯାଇପାରେ। ଏହା ପୂର୍ବରୁ ସବୁ ଦଳ ବର୍ତ୍ତମାନ ଉଭୟ ବିଧାନସଭା ଏବଂ ଲୋକ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ କରିବାରେ ବ୍ୟସ୍ତ ହୋଇଗଲେଣି। ବିଜେଡି-ଭାଜପା ମେଣ୍ଟ ହେବାକୁ ଥିବାରୁ ଉଭୟ ଦଳ ମଧ୍ୟରେ ଆସନ ବୁଝାମଣା ନ ହେବା ପର୍ଯ୍ୟନ୍ତ ପ୍ରାର୍ଥୀ ଚୟନ ହୋଇପାରିବ ନାହିଁ। ଏପରି ସ୍ଥିତିରେ ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ଥିବା କଂଗ୍ରେସ ଏହି କାର୍ଯ୍ୟରେ ବିଳମ୍ବ କରିଦେଇଛି। ଗତ ୯ ତାରିଖରେ ଦିଲ୍ଲୀରେ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ସ୍କ୍ରିନିଂ କମିଟି ବୈଠକ ହୋଇଥିବା ବେଳେ ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଓଡ଼ିଶା ପ୍ରଭାରୀ ଅଜୟ କୁମାର ମଧ୍ୟ ଯୋଗ ଦେଇଥିଲେ। ହେଲେ ଆଗକୁ ଆଉଥରେ ସ୍କ୍ରିନିଂ କମିଟି ବସିବ ବୋଲି ପିସିସି ସଭାପତି ସୂଚନା ଦେଇଛନ୍ତି। ଆସନ୍ତା ୧୯ ତାରିଖରେ ତୃତୀୟ ପର୍ଯ୍ୟାୟ ସ୍କ୍ରିନିଂ କମିଟି ବସିବା ପରେ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଶରତ ପଟ୍ଟନାୟକ ରବିବାର ଦିଲ୍ଲୀରୁ ଓଡ଼ିଶା ଫେରି ଆସିଛନ୍ତି। ଏଭଳି ସ୍ଥିତିରେ ବିଜେଡି-ଭାଜପା ମେଣ୍ଟରୁ ଫାଇଦା ନେବା ସକାଶେ କଂଗ୍ରେସ ଆଉ ଏକ ଯୋଜନା କରିଛି। ବିଜେଡି-ଭାଜପାର ମେଣ୍ଟ ହେବା ପରେ ଯେଉଁମାନଙ୍କ ଟିକେଟ କଟିବ କିମ୍ବା ଯେଉଁମାନେ ଅସନ୍ତୁଷ୍ଟ ହେବେ, ସେମାନଙ୍କ ମଧ୍ୟରୁ ୭୦ରୁ ୮୦ ପ୍ରତିଶତଙ୍କୁ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ କରିବା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ କୁଆଡେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ଶୀର୍ଷ ନେତୃତ୍ୱ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

## ଆଜି ବିଜେଡି-ଭାଜପା ସମ୍ପର୍କ ନେଇ କଂଗ୍ରେସର ଅନ୍ନପ୍ରାଶନ ଉତ୍ସବ

**ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)**

ଭାଜପା ଓ ବିଜେଡି ମଧ୍ୟରେ ମିଛ ବାହାଘର କରିଥିବା କଂଗ୍ରେସ ପୁଣିଥରେ ଉଭୟଙ୍କ ସମ୍ପର୍କକୁ ନେଇ ଅନ୍ନପ୍ରାଶନ ଉତ୍ସବ କରିବାକୁ ନିଷ୍ପତ୍ତି ନେଇଛି। ସୋମବାର କଂଗ୍ରେସ ଭବନ ପରିସରରେ ହିନ୍ଦୁ ରୀତିନୀତିରେ ଏହି ଅନ୍ନପ୍ରାଶନ କାର୍ଯ୍ୟକ୍ରମ ହେବ। ଏଥିରେ ବିଜେଡି ଓ ଭାଜପା ସମ୍ପର୍କରେ ଜନ୍ମ ନେଇଥିବା ପିଲାଙ୍କ ନାମକରଣ କରାଯିବ ବୋଲି ଦଳ ସୂଚନା ଦେଇଛି। ପିସିସି ସୋସିଆଲ ମିଡିଆ ମୁଖ୍ୟ ଅମୀୟ ପାଣ୍ଡବ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଜେଡି ଓ ଭାଜପା ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଆନୁଷ୍ଠାନିକ ମେଣ୍ଟ କରିବାକୁ ଯାଉଛନ୍ତି। ତେଣୁ ଏହି ଅନ୍ନପ୍ରାଶନ ଉତ୍ସବ ଅପରାହ୍ନ ୨ଟାରେ ହେବ ବୋଲି ସେ କହିଛନ୍ତି।

# ପେଟରେ ଅଧା, ପାଟିରେ ଅଧା

**ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀ ଯାଉଛନ୍ତି। ସେଠାରୁ ଫେରିବା ପରେ ରାଜ୍ୟର ସବୁ ଲୋକ ସଭା ଓ ବିଧାନସଭା ଆସନରେ ଭାଜପା ଏକାକୀ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଥିବା କହୁଛନ୍ତି। କିନ୍ତୁ କେଉଁଠାରେ ମଧ୍ୟ ସେ ବିଜେଡି ସହ ମେଣ୍ଟ ହେବ ନାହିଁ ବୋଲି ଅସ୍ୱୀକାର କରୁନାହାନ୍ତି। ରବିବାର ମଧ୍ୟ ମନମୋହନ କେନ୍ଦ୍ରୀୟ ନେତାଙ୍କ ସହ ଆଲୋଚନା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ଓଡ଼ିଶା ଆସିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିଲ୍ଲୀ ଯାଇପାରନ୍ତି। ଉଭୟଙ୍କ ମଧ୍ୟରେ ଆସନ ବୁଝାମଣା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରେ। ତେଣୁ ମନମୋହନ ପେଟରେ ଅଧା କଥା ରଖି ପାଟିରେ ଅଧା କଥା କହୁଛନ୍ତି ବୋଲି ଚର୍ଚ୍ଚା ହେଉଛି।**



**ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)**

ଓଡ଼ିଶାରେ ବିଜେଡି-ଭାଜପା ମଧ୍ୟରେ ନିର୍ବାଚନୀ ମେଣ୍ଟ ପାଇଁ ଦୁଇ ଦଳର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଯାହା ଭଲ ହେବ, ବିଜେଡି ତାହା କରିବ ବୋଲି କହି ଶାସକ ଦଳ ଏହି ପ୍ରସଙ୍ଗକୁ ଆଗେଇ ନେଉଛି। ମେଣ୍ଟ କଥାକୁ ବିଜେଡିର କୌଣସି ନେତା ଆଉ ଅସ୍ୱୀକାର ମଧ୍ୟ କରୁନାହାନ୍ତି। ହେଲେ ମେଣ୍ଟର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ଉପରେ ସମସ୍ତଙ୍କ ନଜର ରହିଛି। କେତେ ଆସନରେ ଦୁଇ ଦଳ ମଧ୍ୟରେ ଭାଗ ଛିଣ୍ଡିବ ତା' ଉପରେ ସଭିଙ୍କ ନଜର ରହିଛି। ହେଲେ ମେଣ୍ଟ କଥା ଏକପ୍ରକାର ସର୍ବସାଧାରଣକୁ ଆସି ସାରିଥିବା ସତ୍ତ୍ୱେ ଭାଜପାର କେତେଜଣ ଆଗଧାଡ଼ିର ନେତା ଆଗାମୀ ନିର୍ବାଚନରେ ୧୪୭ ବିଧାନସଭା ଏବଂ ୨୧ ଲୋକ ସଭା ଆସନରେ ଦଳ ଲଢ଼ିବ ବୋଲି ଯୁକ୍ତି ରଖୁଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ସହ ପ୍ରଭାରୀ ଲତା ଉସେଣ୍ଡି ମେଣ୍ଟ ନେଇ କୌଣସି ଆଲୋଚନା ହୋଇ ନ ଥିବା କଥା କହିଛନ୍ତି। ହେଲେ ସେମାନେ ମେଣ୍ଟ ନ ହେବା କଥା କେଉଁଠାରେ ବି କହିନାହାନ୍ତି।

ଭୁବନେଶ୍ୱର ବିମାନବନ୍ଦରରେ ରବିବାର ପହଞ୍ଚିବା ପରେ ଲତା ଉସେଣ୍ଡି କହିଛନ୍ତି, ରାଜ୍ୟରେ ଭାଜପା ଏକାକୀ ନିର୍ବାଚନ ଲଢ଼ିବ। ବିଧାନସଭା ହେଉ କିମ୍ବା ଲୋକ ସଭା ; ସବୁ ଆସନ ପାଇଁ ଦଳ ପ୍ରସ୍ତୁତି କରୁଛି। ଗୋଟିଏ ଗୋଟିଏ ଆସନ ପାଇଁ ଆଲୋଚନା ହୋଇଛି। ମେଣ୍ଟ ନେଇ କୌଣସି ଚର୍ଚ୍ଚା ହୋଇନି ବୋଲି ସେ କହିଛନ୍ତି। ଏ କଥାରେ ମଧ୍ୟ ସେତେଟା ମିଥ୍ୟା ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ବିଜେଡିର ଦୁଇ ଆଗଧାଡ଼ିର ନେତା କାର୍ତ୍ତିକ ପାଣ୍ଡିଆନ ଏବଂ ପ୍ରଣବ ପ୍ରକାଶ ଦାସ ଗତ ଗୁରୁବାର ନୂଆଦିଲ୍ଲୀ ଗସ୍ତ କରିଥିଲେ। ମିଳିଥିବା ସୂଚନା ମୁତାବକ, ସେମାନଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିଳମ୍ବିତ ରାତି ପର୍ଯ୍ୟନ୍ତ ମେଣ୍ଟ ବିଷୟରେ ଆଲୋଚନା କରିଥିଲେ। ହେଲେ ଏହାପରେ ଆଉ ଭାଜପାର ରାଜ୍ୟ ନେତୃତ୍ୱଙ୍କ ସହ କଥା ନ ହୋଇ ସେମାନଙ୍କୁ ଦିଲ୍ଲୀ ଫେରିଯିବାକୁ କହିଥିଲେ। ଏହି କଥାକୁ ଏବେ ମନମୋହନ ଏବଂ ଦୁଇ ପ୍ରଭାରୀ ବାରମ୍ବାର କହୁଛନ୍ତି। ଅନ୍ୟପଟେ ଭାଜପା ରାଜ୍ୟ ନେତୃତ୍ୱଙ୍କ ଏଭଳି ମନ୍ତବ୍ୟ ପରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହେଉଥିବାବେଳେ ମନମୋହନ, ଦଳର ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ ପ୍ରଭାରୀ, ସହ ପ୍ରଭାରୀ ରବିବାର ଦିଲ୍ଲୀ ଗସ୍ତ କରିଛନ୍ତି। ଭାଜପା ରାଜ୍ୟ ନେତୃତ୍ୱଙ୍କ ଏହି ଗସ୍ତ ହିଁ ମେଣ୍ଟର ଚୂଡ଼ାନ୍ତ ବିଷୟ ପଦାକୁ ଆଣିବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ବଢ଼ାଇଦେଇଛି।

ଦିଲ୍ଲୀରେ ଭାଜପାର ଶୀର୍ଷ ନେତୃତ୍ୱଙ୍କ ସହ ବିଜେଡିର ଯେଉଁ ଆଲୋଚନା ଚାଲିଛି ସେକଥା ଚୂଡ଼ାନ୍ତ କରିବା ଲାଗି ରାଜ୍ୟ ନେତୃତ୍ୱଙ୍କ ସେତେଟା ଆବଶ୍ୟକତା ପଡୁ ନ ଥାଇପାରେ। କାରଣ ବିଜେଡି ସମର୍ଥନରେ ଓଡ଼ିଶାରୁ ରାଜ୍ୟ ସଭା ଯାଇଥିବା ଅଶ୍ୱିନୀ ବୈଷ୍ଣବ ଉଭୟ ଦଳ ମଧ୍ୟରେ ସମନ୍ୱୟ ରକ୍ଷା କରିବା କ୍ଷେତ୍ରରେ ଏକ ଭଲ ମାଧ୍ୟମ ଅଟନ୍ତି। କୁହାଯାଏ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସହ ସେତେବେଳେ ବିଜେଡିର ସୁସମ୍ପର୍କ ରଖିବାରେ ଅଶ୍ୱିନୀ ଜରିଆ ସାଜିଥିଲେ। ତେଣୁ ଏବେ ଯେତେବେଳେ ସେହି ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ରାଜ୍ୟ ସଭା ଯିବା କ୍ଷେତ୍ରରେ ଦୁଇ ଥର ସମର୍ଥନ ଦେଇସାରିଲାଣି ତାଙ୍କ ମାଧ୍ୟମରେ ଅନେକ କଥା ଚୂଡ଼ାନ୍ତ ହେଉଥାଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖୁଛନ୍ତି। ଅନ୍ୟପଟେ ଅଶ୍ୱିନୀଙ୍କୁ ବାଦ୍ ଦେଲେ ଆହୁରି ଏଭଳି ଅନେକ ଲୋକ ରହିଛନ୍ତି, ଯେଉଁମାନେ ବିଜେଡି ଏବଂ ଭାଜପା ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିପାରିବେ। ଏଥିଲାଗି ହୁଏତ ମେଣ୍ଟ ବିଷୟରେ ଭାଜପା ରାଜ୍ୟ ନେତୃତ୍ୱଙ୍କ ସହ ସବିଶେଷ ଆଲୋଚନା ଏ ପର୍ଯ୍ୟନ୍ତ କରାଯାଇ ନ ଥାଇପାରେ। ଓଡ଼ିଶାରେ ମେଣ୍ଟ ସମ୍ପର୍କିତ ବାସ୍ତବ ଚିତ୍ର ଯଦି ଆଗୁଆ ବାହାରକୁ ଛାଡ଼ିବାକୁ ଚାହୁଁ ନ ଥିବେ ତେବେ ମଧ୍ୟ ରାଜ୍ୟ ନେତୃବୃନ୍ଦ ଅନ୍ଧାରରେ ରହୁଥିବେ। ହେଲେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୧୨ ତାରିଖରେ ଓଡ଼ିଶା ଆସୁଥିବା ନେଇ ଖବର ରହିଛି। ହେଲେ ସରକାରୀ ଭାବେ ଏହା ସରକାରଙ୍କ ନିକଟକୁ ଆସିନାହିଁ। ଯେହେତୁ ରାଜନୈତିକ ବିଷୟରେ ଆଲୋଚନା ହେବାର ଅଛି, ସେଥିଲାଗି ଶେଷ ସମୟରେ ସରକାରୀ ଭାବେ ତାଙ୍କ ଗସ୍ତସୂଚୀ ଶେଷ ସମୟରେ ଆସିବାର ଯଥେଷ୍ଟ ସମ୍ଭାବନା ରହିଥିବା ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଆସନ୍ତା ଏନ୍‌ଡିଏ ବୈଠକ ଯେବେ ବସିବ ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇପାରନ୍ତି। ଏହାଦ୍ୱାରା ବିଜେଡି ଏନ୍‌ଡିଏରେ ବିଧିବଦ୍ଧ ଭାବେ ସାମିଲ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି। ଏପରି କି ମୁଖ୍ୟମନ୍ତ୍ରୀ ସୋମବାର ଦିଲ୍ଲୀ ଯାଇପାରନ୍ତି ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଦିଲ୍ଲୀ ଗସ୍ତ କରିଥିବା ଭାଜପା ନେତାଙ୍କ ସହ ମେଣ୍ଟ ସମ୍ପର୍କିତ ଚୂଡ଼ାନ୍ତ ଆଲୋଚନା ବିଷୟରେ ବୋଧହୁଏ ଶୀର୍ଷ ନେତୃତ୍ୱ ଏଥର ଜଣାଇ ଦେଇପାରନ୍ତି। ଆସନ ବୁଝାମଣା କଥା ଯାହା ହେବ, ସେକଥା ମଧ୍ୟ ଅନ୍ୟ ଏକ ମାଧ୍ୟମରେ ଭାଜପା ଶୀର୍ଷ ନେତାମାନଙ୍କ ସହ ଚୂଡ଼ାନ୍ତ ହୋଇସାରିଥିବା ଦିଲ୍ଲୀସ୍ତରରେ ଚର୍ଚ୍ଚା ଚାଲିଛି। ଯାହା କୁହାଯାଉଛି, ଶାହାଙ୍କ ଓଡ଼ିଶା ଗସ୍ତ ପର୍ଯ୍ୟନ୍ତ ଏକଥା ଏଭଳି ଚାଲିବ। ଆସନ୍ତା ୧୨ରେ ଶାହାଙ୍କ ଗସ୍ତ ଦିନ ହିଁ ସବୁକିଛି ଚୂଡ଼ାନ୍ତ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ଭାଜପା ରାଜ୍ୟ ନେତାମାନଙ୍କ ମଧ୍ୟରେ ଚର୍ଚ୍ଚା ଆଲୋଚନା ଚାଲିଛି।

**Classified Everyday**
**0674-2580101, 2549949**



**REAL ESTATE**

**SALE**

30 Acres fully developed all amenities near Trinath Bazar, Fulnakhara @ 1050/-. 8144391451. D-75925

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price call. 9439856856, 7008982279, 6371097442, 9040116788.** D-2727

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

**Gated community BDA/ RERA Nationalised Bank approved duplex sale at Tamando near CV Raman College & Patia- 8763887357, 8763886496.** D-75916

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ନଖରାସ୍ଥିତ ଅତ୍ୟାଧୁନିକ **Sum-II Hospital** ପାଖରେ **4000sqft. boundarywall** ସହିତ ବିକ୍ରିହେବ। ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **9040059669.** D-75927

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**CONSTRUCTION**

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2728




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

**Bodymassage by experience good looking therapist @ 999/- (Bhubaneswar). 9078484455.** D-2688

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Relax, refresh your body, mind by expert therapist. Contact- 9938843929. D-76106

Newly open health benefits SPA special Offer @999 Bapuji Nagar. 8018429809. D-76107

**AFFIDAVIT**

I Litton Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit No- 13AA977655, that now onwards I shall be known as Litton Behera for all future purposes. D-2732

By virtue of an affidavit sworn before the Executive Magistrate, Mahanga on dated 15.02.2024, I, Himanshu Sekhar Mallik, Son of Surendra Kumar Mallik, Village- Haribhaktapur, P.O.- Lalitagiri, P.S.- Mahanga, Dist.- Cuttack, State- Odisha, declare that I have changed my name from Hiamnshu Sekhar Mallik to Himanshu Sekhar Mallik. Henceforth, I shall be known as Himanshu Sekhar Mallik for all purposes. D-2730

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଚିତ୍ତରଞ୍ଜନ ପରିଡ଼ା**

ମଉଗଜପୁର, ଗତିରାଉତପାଟଣା, କଟକ

ଆବିର୍ଭାବ- ୩୦।୦୫।୧୯୪୦
ତିରୋଧାନ- ୨୦।୦୨।୨୦୧୫

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମେ ଯେଉଁଠାରେ ଥାଅ, ଶାନ୍ତିରେ ରହିଥାଅ।

ଶୋକସନ୍ତପ୍ତ- ସ୍ତ୍ରୀ: ଶାନ୍ତିଲତା, କନ୍ୟା: ସଞ୍ଜୁକ୍ତା, ଜ୍ୱାଇଁ: କୁଞ୍ଜବନ, ପୁତ୍ର: ସଞ୍ଜୟ, ଅଜୟ, ବିଜୟ, ଅକ୍ଷୟ, ଅଭୟ, ହୃଦୟ, ଧନଞ୍ଜୟ, ମୃତ୍ୟୁଞ୍ଜୟ, ଚିନ୍ମୟ, ଭାଇ: ଲକ୍ଷ୍ମୀଧର, ଶରତ, ପ୍ରଭାତ, ଆଶୁତୋଷ।

ଧ-୧୪୫୮୭

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ପ୍ରଫେସର ଡଃ ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି

ଆବିର୍ଭାବ- ୨୩।୧୧।୧୯୨୪
ତିରୋଧାନ- ୦୯।୦୩।୨୦୧୬

ଅମର ମରଣ ଯାର ନାହିଁ ନାହିଁ ମୃତ୍ୟୁ ତା'ର
ନ ଛୁଇଁବ କାଳ ତାକୁ କରି ଅଛି ଲୀନ
ଯଶ ତା'ର କାଳଜୟୀ ଖ୍ୟାତି ତାର ଚିରସ୍ଥାୟୀ
ପ୍ରଭୁ ପାଦେ ଆତ୍ମା ତା'ର ପାଇଅଛି ତ୍ରାଣ।

ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ ଓ ପରିବାରବର୍ଗ।

ପ୍ଲଟ୍ ୩୧୬୧, ସହିଦନଗର, ଭୁବନେଶ୍ୱର

ଧ-୨୭୧୯

**୨୪ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡ. ପ୍ରଭାକର ରାଉତ**

ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦

ବାବା, ୨୪ବର୍ଷ ହୋଇଗଲା। ଆପଣଙ୍କର ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ବନ୍ଧୁ ଓ ପରିବାରବର୍ଗ।

ଧ-୨୭୩୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାମଚନ୍ଦ୍ର ପାଢ଼ୀ**

ବାଲିସାହି, ଆଠଗାଡ଼ିଆ ଲେନ୍, ପୁରୀ

ଆବିର୍ଭାବ: ୦୧।୦୩।୧୯୯୬
ତିରୋଧାନ: ୨୧।୦୨।୨୦୨୩

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ କୋଟି କୋଟି ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାରବର୍ଗ।

ଧ-୨୭୦୨

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHUBHRA RANJAN**
Always Ahead

Delhi's Best IAS Institute now in Bhubaneswar

GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)

GENERAL STUDIES INTEGRATED COURSE

COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005

Mobile/Whatsapp
7008476028
7788807774
9668384085

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମାତ୍ର ୫ ଟଙ୍କା ବକେୟା ନାଁରେ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ

ରାୟଗଡ଼ା,୧୦।୩(ଆଶିଷ ରଞ୍ଜନ ପଣ୍ଡା)

- ଟାଟା ପାୱାରର ମନମାନିକୁ ନେଇ ଅସନ୍ତୋଷ
- ଠିକ୍ ସମୟରେ ବିଲ୍ ପଇଠ କରି ମଧ ଗ୍ରାହକ ହନ୍ତସନ୍ତ

ରାୟଗଡ଼ା ସହରରେ ଉପଭୋକ୍ତାଙ୍କ ବିନା କୌଣସି ବକେୟାରେ ଟାଟା ପାୱାର ମନଇଚ୍ଛା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାହକ ସେବା କେନ୍ଦ୍ରକୁ ପଚାରିଲେ ୫ ଟଙ୍କା ୮୬ ପଇସା ବକେୟା ଥିବାରୁ ସ୍ମାର୍ଟ ମିଟର ମାଧ୍ୟମରେ ବିଦ୍ୟୁତ୍ କାଟ ହୋଇଥିବା ନେଇ ସୂଚନା ମିଳୁଛି। ଅନ୍ୟପକ୍ଷରେ ବିଭାଗୀୟ ଉପଖଣ୍ଡ ଯନ୍ତ୍ରୀ ଓ ଟାଟା ପାୱାରର ସ୍ମାର୍ଟ ମିଟର ପରିଚାଳନା ଟିମ୍‌କୁ ପଚାରିବା ସମୟରେ ଠିକ୍ ତଥ୍ୟ ମିଳୁନାହିଁ। ଏଭଳିକି ବିଦ୍ୟୁତ୍ ପୁନଃ ଚାର୍ଜ କରିବା ପାଇଁ ଗ୍ରାହକ ସମ୍ପର୍କ କେନ୍ଦ୍ରକୁ ଅନୁରୋଧ କଲେ ମିଟର ସମ୍ବନ୍ଧିତ ବିଭିନ୍ନ ପ୍ରକାର ଟେକ୍ନିକାଲ ପ୍ରଶ୍ନ ପଚାରି ଉପଭୋକ୍ତାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି।

ରାୟଗଡ଼ା ସହରର ତେଜସ୍ୱୀ ହୋଟେଲ ଛକ ନିକଟସ୍ଥ ଏକ ଆପାର୍ଟମେଣ୍ଟର ଫ୍ଲାଟରେ ଗତ ମଙ୍ଗଳବାର ପୂର୍ବାହ୍ନ ୨ଟାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ରହିଥିଲା। ଅନ୍ୟ ଫ୍ଲାଟରେ କରେଣ୍ଟ ଥିବାରୁ ଉକ୍ତ ଘରେ ଭଡ଼ାରେ ରହୁଥିବା ଜଣେ ବୃଦ୍ଧା ଟାଟା ପାୱାର ଗ୍ରାହକ ସମ୍ପର୍କ କେନ୍ଦ୍ରକୁ ୧୯୧୨ରେ ଅଭିଯୋଗ ପାଇଁ ଯୋଗାଯୋଗ କରିଥିଲେ। ଗ୍ରାହକ ସମ୍ପର୍କ କେନ୍ଦ୍ରର କର୍ମଚାରୀ ଜଣକ ଉପଭୋକ୍ତାଙ୍କୁ କଷ୍ଟମର ନମ୍ବର, ମିଟର ନମ୍ବରଠାରୁ ଆରମ୍ଭକରି ବିଭିନ୍ନ ଟେକ୍ନିକାଲ ପ୍ରଶ୍ନ ପଚାରିଥିଲେ। ଏପରିକି ସ୍ମାର୍ଟ ମିଟରରେ ରିଲେ ଇଣ୍ଡିକେଟର ଲାଗିଛି କି ନାହିଁ ଦେଖି ନ କହିବା ପର୍ଯ୍ୟନ୍ତ ସେମାନେ କୌଣସି ଅଭିଯୋଗ ଦାଖଲ କରାଇପାରିବେ ନାହିଁ ବୋଲି କହିଥିଲେ। ବାଧ ହୋଇ ବୃଦ୍ଧା ଜଣକ ଆପାର୍ଟମେଣ୍ଟରୁ ତଳକୁ ଯାଇ ମିଟରର ସମସ୍ତ ସୂଚନା ଦେଇଥିଲେ। ଏହାପରେ ବକେୟା ଟଙ୍କା ବିଷୟରେ ଉପଖଣ୍ଡ ଯନ୍ତ୍ରୀଙ୍କୁ ପଚାରିବା ସହିତ ଟାଟା ପାୱାର ପୋର୍ଟାଲରେ କଷ୍ଟମର ନମ୍ବର ଦେଇ ବିଲ୍ ଡାଉନଲୋଡ୍ ସମୟରେ କୌଣସି ବକେୟା ନ ଥିବା ଦେଖିବାକୁ ପାଇଥିଲେ। ବୃଦ୍ଧାଙ୍କ କହିବା ଅନୁସାରେ, ସେ ସବୁବେଳେ ସମୟସୀମା ମଧ୍ୟରେ ବିଲ୍ ପଇଠ କରନ୍ତି। କେଉଁଭଳି ଭାବେ ୫ଟଙ୍କା ୮୬ପଇସା ବିଲ୍ ବକେୟା ରହିଛି ସେ ଜାଣିନାହାନ୍ତି। ତେବେ ବିଦ୍ୟୁତ୍ ସଂଯୋଗ ପାଇଁ ଉପଖଣ୍ଡ ଯନ୍ତ୍ରୀ ହେମନ୍ତ ସାହୁଙ୍କୁ ପଚାରିବାରୁ ସେ ମିଟର ପରିଚାଳନା ଦାୟିତ୍ୱରେ ଥିବା ଟାଟା ପାୱାର କର୍ମଚାରୀ ଅମନଙ୍କ ଫୋନ୍ ନମ୍ବର ଦେଇଥିଲେ। ଅମନଙ୍କୁ ଯୋଗାଯୋଗ କରିବାରୁ ସେ ଅଟୋ ଟ୍ରିପ୍ ହୋଇଯାଇଛି ଏବଂ ଶୀଘ୍ର ବିଦ୍ୟୁତ ସଂଯୋଗ ହୋଇଯିବ ବୋଲି କହିଥିଲେ। ତେବେ କେଉଁ କାରଣରୁ ଅଟୋ ଟ୍ରିପ୍ ହେଲା ଏବଂ କୌଣସି ସବିଶେଷ ତଥ୍ୟ ଦେଲେ ନାହିଁ ଅମନ୍।

ପ୍ରକାଶ ଥାଉକି, କୋରାପୁଟ ଜିଲା ଜୟପୁରରେ ଏହିଭଳି ସ୍ମାର୍ଟ ମିଟର ବସାଇବା ସମୟରେ ଉପଭୋକ୍ତାଙ୍କ ବିରୋଧ କାରଣରୁ ଜୟପୁର ସହରରେ ସ୍ମାର୍ଟ ମିଟର ଲାଗିନାହିଁ। ସ୍ମାର୍ଟ ମିଟରର ଉପକାରିତା ବିଷୟରେ ଜଣେ ଲାଇନମ୍ୟାନଙ୍କୁ ପଚାରିବାରୁ ବିଦ୍ୟୁତ୍ ବିଲ୍ ବକେୟା ରୋକିବା ପାଇଁ ଟାଟା ପାୱାର ଏଭଳି ପଦକ୍ଷେପ ନେଇଛି ବୋଲି କହିଛନ୍ତି। ତେବେ ଜଣେ ଗ୍ରାହକ ଅନଲାଇନ୍ ପେମେଣ୍ଟ କରିବା ସମୟରେ ଡିଜିଟାଲ ରିବେଟ୍ ମିଳୁଛି। ହେଲେ ଏହି ଛାଡ଼କୁ ବିଭାଗୀୟ କର୍ମଚାରୀ ଠିକ୍ ସମୟରେ ଅପଡେଟ୍ କରୁ ନ ଥିବାରୁ ସେମାନଙ୍କ ବିଲ୍ ବକେୟା ରହୁଛି ବୋଲି ଜଣେ ଲାଇନମ୍ୟାନ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ହେଲେ ସ୍ମାର୍ଟ ମିଟର ବସାଇବା ପରେ ଗ୍ରାହକଙ୍କୁ କୌଣସି ସୂଚନା ନ ଦେଇ ଏଭଳି ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରିବା କେତେ ଦୂର ଯଥାର୍ଥ ବୋଲି ଉପଭୋକ୍ତାମାନେ ପ୍ରଶ୍ନ କରିଛନ୍ତି। ଏବେ ଖରାର ତାତି ପ୍ରଚଣ୍ଡ ହେଉଥିବା ବେଳେ ଉପଭୋକ୍ତାଙ୍କୁ ଏଭଳି ଭାବେ ହଇରାଣ ନ କରିବାକୁ ଜନସାଧାରଣ ଚେତାବନୀ ଦେଇଛନ୍ତି। ଯଦି ଆଗାମୀ ଦିନରେ ଏହିଭଳି ସମସ୍ୟା ଉପୁଜେ ତେବେ ଉପଭୋକ୍ତା ଆଇନର ଆଶ୍ରୟ ନେବେ ବୋଲି ମଧ୍ୟ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକଙ୍କୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବପର ହୋଇପାରି ନ ଥିଲା।

# ଶିଳାନ୍ୟାସରେ ସୀମିତ କଲ୍ୟାଣ ମଣ୍ଡପ କାମ



ଗଛଲତାରେ ଭର୍ତ୍ତି ହୋଇଥିବା କଲ୍ୟାଣ ମଣ୍ଡପ ପାଇଁ ଉଦ୍ଦିଷ୍ଟ ଜମି।

ରାୟଗଡ଼ା,୧୦।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସାଇପ୍ରିୟାନଗରରେ ୨୦୧୯ ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଦିବସରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ପୌର ପରିଷଦର ଏକ ବିସ୍ତୃତ ଜମିରେ ପଥର ପୋତି ଏହାର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସକୁ ୪ ବର୍ଷ ବିତିଥିଲେ ମଧ୍ୟ କାମ ପାଇଁ ଟେଣ୍ଡର ହୋଇପାରିନି। ଜମି ଚାରପଟେ କେବଳ ପାଚେରି ଉଠିଥିବାବେଳେ ଅନାବନା ଗଛଲତା ଭରି ରହିଛି। ଉକ୍ତ ସ୍ଥାନ ଏବେ ଗାଇ ଗୁହାଳ ପାଲଟିଥିବା ଅଭିଯୋଗ ହେଉଛି।

ରାୟଗଡ଼ା ସହରରେ ପୌର ପରିଷଦ ପକ୍ଷରୁ ୨ଟି କଲ୍ୟାଣ ମଣ୍ଡପ ରହିଛି। ଗୋଟିଏ ଜିସିଡ଼ି ହାଇସ୍କୁଲ ନିକଟରେ ରହିଥିବା ବେଳେ ଅନ୍ୟଟି ରାଣୀଗୁଡ଼ା ଅଞ୍ଚଳରେ ରହିଛି। ସାଇପ୍ରିୟାନଗରରେ ନୂଆ ରାୟଗଡ଼ାର ସିଂହଭାଗ ଲୋକ ବସବାସ କରୁଥିବାବେଳେ ଏହି ଅଞ୍ଚଳରେ କୌଣସି କଲ୍ୟାଣମଣ୍ଡପ ନାହିଁ। ସାଇପ୍ରିୟା ନଗର, ସାଇଲକ୍ଷ୍ମୀ ନଗର, କସ୍ତୁରୀ ନଗର ଏବଂ ଶ୍ରୀରାମ ନଗର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି କଲ୍ୟାଣମଣ୍ଡପ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏଥିପାଇଁ ୯୦ଲକ୍ଷ ଟଙ୍କା ବ୍ୟୟ ଆକଳନ ହୋଇଥିଲା। ୨ବର୍ଷ ମଧ୍ୟରେ କଲ୍ୟାଣମଣ୍ଡପ ନିର୍ମାଣ କାମ ଶେଷ କରି ଲୋକଙ୍କ ସେବାରେ ଲଗାଇବାକୁ ଟାର୍ଗେଟ ଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଟଙ୍କାଟିଏ ଅନୁଦାନ ଆସି ନ ଥିବାବେଳେ କଲ୍ୟାଣମଣ୍ଡପର ଫାଉଣ୍ଡେସନ ବି ପଡ଼ିନାହିଁ। କେଉଁ କାରଣରୁ କାମ ଅଟକିଛି ତାହା ମଧ୍ୟ ସ୍ପଷ୍ଟ ହୋଇପାରିନି। ସରକାରଙ୍କ ଉନ୍ନତି ଯୋଜନାରେ ନିର୍ମାଣ କରିବା ପାଇଁ ପ୍ରଶାସନ ଚିନ୍ତା କରିଥିବା ବେଳେ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଏହି ଯୋଜନାରେ ଏହା ହୋଇପାରିବ ନାହିଁ। ଏଥିପାଇଁ ଅନ୍ୟ ଯୋଜନା ଆବଶ୍ୟକ ବୋଲି କୁହାଯାଇଛି। ତେବେ ଏ ନେଇ ରାୟଗଡ଼ା ପୌର ପରିଷଦ ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକଙ୍କୁ ପଚାରିବାରୁ ସେ ପୌରାଧ୍ୟକ୍ଷ ହେବା ପୂର୍ବରୁ ଏହି ଯୋଜନା ହୋଇଥିଲା। ଉକ୍ତ ଜମିକୁ ନେଇ ବିବାଦ ଲାଗି ରହିଛି ବୋଲି ପୌରାଧ୍ୟକ୍ଷ ମହେଶ କହିଛନ୍ତି। ଏହି ଜମି ଖାଲି ପଡ଼ିଥିବାରୁ ଏକ ଘରୋଇ ସ୍କୁଲର ଗାଡ଼ିଗୁଡ଼ିକ ସେଠାରେ ଦୀର୍ଘ ଦିନ ଧରି ରହୁଥିଲା। ପରବର୍ତ୍ତି ସମୟରେ ଜମି ଚାରି ପାର୍ଶ୍ୱରେ ପାଚେରୀ ଉଠାଯାଇଥିଲା। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତି ଏକ ଘରୋଇ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଉଦ୍ୟମ କରିଛନ୍ତି। ଉକ୍ତ ବ୍ୟକ୍ତିଙ୍କର ରାଣୀଗୁଡ଼ାଠାରେ ଅନ୍ୟ ଏକ କଲ୍ୟାଣମଣ୍ଡପ ରହିଛି। ସେଠାରେ ସେ ଚଡ଼ା ଦରରେ ବ୍ୟବସାୟ କରୁଛନ୍ତି। ସେହି ସମାନ ଢାଞ୍ଚାରେ ସାଇପ୍ରିୟାନଗରଠାରେ ମଣ୍ଡପ ନିର୍ମାଣ କରିବାକୁ ସେ ଯୋଜନା କରିଛନ୍ତି। ତେଣୁ ସେ ସରକାରୀ କାମକୁ ଅଟକାଇ ରଖିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସରକାରୀ ମଣ୍ଡପ କାମ ଅଟକି ଥିବାରୁ ଅଞ୍ଚଳବାସୀ ବିବାହ, ବ୍ରତଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମାଜିକ କାମ ପାଇଁ ବହୁତ ହଇରାଣ ହେଉଛନ୍ତି। ପୌର ପରିଷଦ ମଧ୍ୟ ତାର ରାଜସ୍ୱ ହରାଉଛି। ଏପରି ସ୍ଥଳେ, ପୌର ପରିଷଦର ପ୍ରସ୍ତାବିତ ଉକ୍ତ ମଣ୍ଡପ ତୁରନ୍ତ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୧୦ କେଜି ଗଞ୍ଜେଇ ଜବତ, ୭ ଗିରଫ

ମୁନିଗୁଡ଼ା,୧୦।୩
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ରବିବାର ରେଳ ଷ୍ଟେଶନ ନିକଟରେ ଚଢ଼ାଉ କରି ବାହାର ରାଜ୍ୟକୁ ଟ୍ରେନ୍ ଯୋଗେ ଚାଲାଣ ହେବାକୁ ଥିବା ୧୧୦ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ପୋଲିସ ୭ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କଠାରୁ ନଗଦ ୧୮, ୯୪୦ ଟଙ୍କା, ୩ଟି ମୋଟରସାଇକେଲ ଓ ୭ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ମୁଟୁରିଗୁଡ଼ି ଗ୍ରାମର ମିକାଇପାଡ଼ି ମାଝୀ, ପୁଟୁମା ଗ୍ରାମର ଅଖିଲ ବଲିୟାରସିଂ, ବାଳକୃଷ୍ଣ ବିଶୋଇ, ମୁଟିଗୁଡା ଗ୍ରାମର ମୁକୁନ୍ଦ କୁଟାମାଝୀ, ଗରଦନ ଗ୍ରାମର ସରୋଜ ବସ୍ତ୍ରରାୟ, ଅଭିରାମ ମାଲବିଶୋଇ, ଶୋଉଲା ମାଲବିଶୋଇ ବୋଲି ଜଣାପଡିଛି। ସେମାନେ ଉକ୍ତ ଗଞ୍ଜେଇକୁ ଅଡ଼ବା ଅଞ୍ଚଳରୁ ଆଣି ମୁନିଗୁଡ଼ା ଷ୍ଟେଶନରୁ ଟ୍ରେନ୍ ଯୋଗେ ହାଇଦ୍ରାବାଦ ଚାଲାଣ କରିବା ପାଇଁ ଯୋଜନା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ଗଞ୍ଜେଇ ଚୋରା ଚାଲାଣ ହେଉଥିବା ପୋଲିସ ବିଶେଷ ସୂତ୍ରରୁ ଖବରପାଇଥିଲା। ଏସଡିପିଓ ସନ୍ତୋଷିନୀ ଓରାମଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡା ଥାନା ଆଇଆଇସି ସୌଦାମିନୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ରେଳ ଷ୍ଟେଶନ ନିକଟରେ ଚଢ଼ାଉ କରି ୭ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଜବତ ଗଞ୍ଜେଇ ଓଜନ କରିବା ପରେ ୧୧୦ କେଜି ୩୦୦ ଗ୍ରାମ୍ ବୋଲି ଜଣାପଡିଥିଲା। ଏନେଇ ମୁନିଗୁଡା ଥାନାରେ ୫୩/୨୪ ରେ ମାମଲା ରୁଜୁ କରି ୭ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ କୋର୍ଟକୁ ପଠାଇବା ସହ ଅଧିକ ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡିଛି।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ।

# ଭିଏଚ୍‌ପିର ନୂତନ କର୍ମକର୍ତ୍ତା

ମାଲକାନଗିରି,୧୦।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଶ୍ୱ ହିନ୍ଦୁ ପରିଷଦର (ଭିଏଚ୍‌ପି) ରବିବାର ଏକ ସାଧାରଣ ବୈଠକ ତପନ ସାନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ବିଶ୍ୱ ହିନ୍ଦୁ ପରିଷଦର ଶତାଧିକ କର୍ମକର୍ତ୍ତା ଏବଂ ସଦସ୍ୟାସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଆସନ୍ତା ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ନିଳମଣି ପ୍ରଧାନ, ଉପସଭାପତି ବିଜେନ ମଜୁମଦାର, ସମ୍ପାଦକ ବାଲାରାଜୁ ପାଢ଼ୀ, ସହ ସମ୍ପାଦକ ଜିତେନ୍ଦ୍ର ପାଇକରାୟ, ବଜରଙ୍ଗଦଳ ସଂଯୋଜକ ବିଜୟ ନାୟକ, ସହ ସଂଯୋଜକ ଜୀବନ ମଣ୍ଡଳ, ଦୁର୍ଗାବାହିନୀ ସଂଯୋଜକ ସୁକାନ୍ତି ମାଡକାମି, ସହ ଦୁର୍ଗାବାହିନୀ ସଂଯୋଜକ ବିନତି ମାଡକାମି, ମାତୃ ଶକ୍ତି ସଂଯୋଜକ ତାପସ ବିଶ୍ୱାସ, ସତସଙ୍ଗ ପ୍ରମୁଖ ବିଘ୍ନରାଜ ସାହୁ, ସହ ପ୍ରମୁଖ ଭଗବାନ ସାହୁ, ସେବା ପ୍ରମୁଖ ପ୍ରଫୁଲ୍ଲ ମହାରଣା, ସହ ସେବା ପ୍ରମୁଖ ତାପନ ଦେବ, ଧର୍ମପ୍ରଚାର ପ୍ରମୁଖ ମନୋଜ ସୁବୁଦ୍ଧି, ମଠ ମନ୍ଦିର ସମ୍ପର୍କ ପ୍ରମୁଖ ଗୋବିନ୍ଦ ବିଶ୍ୱାସ, ସହ ମଠମନ୍ଦିର ପ୍ରମୁଖ ରାବଣା ଆୟାର, ଗୋରକ୍ଷା ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ପାଲ ଉପସ୍ଥିତଥିଲେ।

# ସଂଗ୍ରାମ ୟୁଥ୍ କ୍ଲବର ନୂତନ ଗୃହ ଉଦ୍‌ଘାଟିତ

ମୁନିଗୁଡା,୧୦।୩ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡା ବ୍ଲକ ଅନ୍ତର୍ଗତ କନ୍ଦ ଗୋତିଗୁଡା ଗ୍ରାମରେ ସଂଗ୍ରାମ ୟୁଥ କ୍ଲବର ନୂତନ କ୍ଲବ୍ ଗୃହ ଉଦଘାଟିତ ହୋଇଛି। ନାୟକ କିଶୋର ପଲକିଆଙ୍କ ସଭାପତିତ୍ୱ ଓ ବିରଞ୍ଚି ପଲକିଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ତଥା ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ, ଜିଲା ପରିଷଦ ସଭ୍ୟା ମାଧବୀ କାନ୍ଦପାଣି, ବ୍ଲକ ଅଧକ୍ଷା ଦୁଃଖିନୀ ନୁଣ୍ଡୁକା, ମୁନିଗୁଡା ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ, ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ସଙ୍ଗଠକ ବୃନ୍ଦାବନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିଙ୍କୁ ଗ୍ରାମବାସୀ ପାରମ୍ପରିକ ବାଦ୍ୟ ସହ ସ୍ୱାଗତ କରିଥିଲେ। ପରେ ସମସ୍ତ ଅତିଥି ଗ୍ରାମର ଗ୍ରାମଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ସାରାକଙ୍କ କରକମଳରେ ଉକ୍ତ କ୍ଲବ ଘରର ଶୁଭ ଉଦଘାଟନ ହୋଇଥିଲା। ଶେଷରେ କ୍ଲ ଘର ପାଇଁ ଜମି ଦାନ କରିଥିବା ଗ୍ରାମର ବିସମ୍ବର ପଲକିଆଙ୍କୁ ସମସ୍ତେ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଗ୍ରାମ ୟୁଥ କ୍ଲବର ସମସ୍ତ ସଦସ୍ୟ ଓ ଯୁବଗୋଷ୍ଠୀ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।

